## ପିଇବା ପାଣି ପାଇଁ ନାରାୟଣପୁରବାସୀ ହନ୍ତସନ୍ତ

# ଗରା, ବାଲ୍‌ଟି ଧରି ଗ୍ରାମବାସୀଙ୍କ ରାସ୍ତା ଅବରୋଧ



**କଲ୍ୟାଣସିଂହପୁର,୧୬।୩(ସମିସ):**

ଶନିବାର ପିଇବା ପାଣି ସମସ୍ୟା ପାଇଁ ରାସ୍ତା ଅବରୋଧ କଲେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ନାରାୟଣପୁର ଗ୍ରାମବାସୀ। ସକାଳ ୬ଟାରୁ ଗାଁ ନିକଟ ଛକରେ ବିଶୁଦ୍ଧ ପାନୀୟ ଜଳ ପାଇଁ ଗ୍ରାମବାସୀ ଗରା, ବାଲଟି ଧରି ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି।

ନାରାୟଣପୁର ଗାଁରେ ୨୦୦ ପରିବାରର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛନ୍ତି। ଏହି ଗାଁରେ ଗୋଟିଏ ସୋଲାର ଟାଙ୍କି ସହ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ 'ବସୁଧା' ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି। ଉକ୍ତ ଗ୍ରାମରେ ବହୁ ଦିନ ହେବ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ହୋଇଯାଇଛି। ସୋଲାର ଟାଙ୍କି ଅଳ୍ପ ପାଣି ବାହାରିଥିବାବେଳେ ୨୦୦ ପରିବାରକୁ ପାଣି ଅଭାବ ହେଉଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଗୋଟିଏ ସୋଲାର ଟାଙ୍କି ଉପରେ ଗ୍ରାମବାସୀ ନିର୍ଭର କରି ଆସୁଥିବାବେଳେ ପାଣି ପାଇଁ ଗ୍ରାମର ମହିଳାମାନଙ୍କ ମଧ୍ୟରେ ଝଗଡ଼ା ହେଉଛନ୍ତି। ପ୍ରାୟ ୩ ମାସ ହେବ ସ୍ୱଜଳ ଧାରା ଦ୍ୱାରା ଆସୁଥିବା ବିଶୁଦ୍ଧ ପାନୀୟ ଜଳର ପାଇପ୍ ବନ୍ଦ ଥିବା ଯୋଗୁଁ ପାଣି ପାଇପାରୁ ନାହାନ୍ତି। ଯାହାଫଳରେ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହୁଛନ୍ତି। ବାରମ୍ବାର ସ୍ଥାନୀୟ ସରପଞ୍ଚ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ବାଧ୍ୟ ହୋଇ ରାସ୍ତା ଅବରୋଧ କରିବାକୁ ପଡ଼ିଥିଲା। ରାସ୍ତା ଅବରୋଧ କରିବା ପରେ ସରପଞ୍ଚ ସୀତାରାମ କାଡ୍ରାକା ଘଟଣାସ୍ଥଳରେ ପହଞ୍ଚି ଏକ ପାଣି ଟାଙ୍କି ଆଣି ଗାଁରେ ଯୋଗାଇଥିଲେ ଏବଂ ପାଞ୍ଚ ଦିନ ମଧ୍ୟରେ ଏହି ପିଇବା ପାଣିର ସମସ୍ୟା ଦୂର କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସରପଞ୍ଚଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ଆମକୁ ଏହି ପିଇବା ପାଣିର ସମସ୍ୟା ଦୂର ନ କଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରିବୁ ବୋଲି ଗାଁର ରତନୀ ରାୟ, ଜୟନ୍ତୀ କୌଶଲ୍ୟା, ଲାକମ କାଡ୍ରାକା, ଏରା କାଡ୍ରାକା, କୁମୁଟାଣୀ କୌଶଲ୍ୟା, ରେବତୀ ମହାନନ୍ଦିଆ, ସୁଭଦ୍ରା ମହାନନ୍ଦିଆ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଥାନା ଅଧିକାରୀ ନୀଳକଣ୍ଠ ବେହେରା, ଏସଆଇ ସଞ୍ଜୟ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ମହିଳା ଓ ପୁରୁଷଙ୍କୁ ସାନ୍ତ୍ୱନା ଦେଇ ସମସ୍ୟାର ସମାଧାନ କରାଯିବ ବୋଲି କହି ରାସ୍ତାରୁ ଉଠେଇଛନ୍ତି।

## ମୌଳିକ ସୁବିଧା ନ ମିଳିଲେ ଭୋଟ୍ ବର୍ଜନ କରିବେ କାପୁଗୁଡ଼ାବାସୀ

**ଟିକିରି,୧୬।୩(ସମିସ)**



ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ହାଡ଼ିଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାପୁଗୁଡ଼ା ଗ୍ରାମରେ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଦିନକୁ ଦିନ ଖରା ବଢ଼ିବାରେ ଲାଗିଥିବାବେଳେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏହା ସହ ଆବାସ ଗୃହ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଓ ପକ୍କା ରାସ୍ତା ପାଇଁ ଲୋକେ ହଇରାଣ ହେଉଛନ୍ତି। ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ହାଡ଼ିଗୁଡ଼ାଠାରୁ କାଶୀପୁର ବ୍ଲକ୍ ଅଫିସକୁ ଲୋକେ ଅନେକଗୁଡ଼ିଏ ସମସ୍ୟା ଦେଇ ଯାତାୟାତ କରୁଛନ୍ତି। ସେମାନଙ୍କୁ ଏହି ସୁବିଧା ତୁରନ୍ତ ଯୋଗାଇ ନ ଦେଲେ ଭୋଟ୍ ବର୍ଜନ କରିବେ ବୋଲି କାପୁଗୁଡ଼ାବାସୀ ଚେତାବନୀ ଦେଇଛନ୍ତି।

ଏଠାରେ ପାଖାପାଖି ଶହେରୁ ଅଧିକ ପରିବାର ବସବାସ କରୁଛନ୍ତି। ଗାଁରେ ମାତ୍ର ତିନିଟି ନଳକୂଅ ଅଛି। ତାହା ମଧ୍ୟ ୧୦ ହାଣ୍ଡିରୁ ଅଧିକ ପାଣି ବାହାରୁନାହିଁ। ଲୋକେ ନଦୀର ଗୋଳିଆ ପାଣିକୁ ଭରସା କରି ଜୀବନଯାପନ କରୁଛନ୍ତି। ଗାଁକୁ ବିଜୁପକ୍କା ଘର ହେଉକି ଇନ୍ଦିରା ଆବାସ ଗୃହ କଥା ନ କିହିବା ଭଲ। ଏବେ ବି ଲୋକେ ମାଟି ଝିକର ଆଉ ପଲିଥିନ ତଳେ ଜୀବନ ବିତାଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପାନୀୟ ଜଳ, ରାସ୍ତାଘାଟ, ବାସସ୍ଥାନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇଦେଲେ ଭୋଟ୍ ଦେବୁ ନ ହେଲେ ୨୦୨୪ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବୁ ବୋଲି ଗ୍ରାମର ରତ୍ନପଣ ସାହୁ, ଅଭି ଚନ୍ଦ୍ର ଝୋଡ଼ିଆ, ପଦ୍ମନ ଗୌଡ଼, ଭାଗିରଥି ଗୌଡ଼, ତ୍ରିନାଥ ସାହୁ, ପୁରୁଷୋତ୍ତମ ଝୋଡ଼ିଆ, ସମ୍ବାରୁ ଝୋଡ଼ିଆ, ବିକ୍ରମ ସାହୁ, କୈଳାସ ଚନ୍ଦ୍ର ଗୌଡ଼, ଧନୁ ଗୌଡ଼, ଅନିରୁଦ୍ଧ ଗୌଡ଼, ରାମ ଚନ୍ଦ୍ର ଗୌଡ଼, ମୁକୁନ୍ଦ ଗୌଡ଼, ସମନାଥ ଗୌଡ଼, ଶିବରାମ ଝୋଡ଼ିଆ, ପୁରନ୍ଦର ଝୋଡ଼ିଆ ଏବଂ ଗ୍ରାମରେ ବସବାସ କରୁଥିବା ଜନସାଧାରଣ ନିଷ୍ପତ୍ତି ନେଇ ସାଧାରଣରେ ଦାବି କରିଛନ୍ତି।

## ଗାୟତ୍ରୀ ପରିବାର ପକ୍ଷରୁ ୧୦୮ ସହଯୋଗକାରୀଙ୍କୁ ସମ୍ବର୍ଦ୍ଧନା




**ସେମିଳିଗୁଡ଼ା,୧୬।୩(ସମିସ):** କୋରାପୁଟ ଜିଲ୍ଲା ସେମିଳିଗୁଡ଼ାରେ ଗତ ମାସରେ ଗାୟତ୍ରୀ ପରିବାର ପକ୍ଷରୁ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସଫଳତାର ସହ ପାଳନ କରାଯାଇଥିଲା। ସଫଳ କାର୍ଯ୍ୟକ୍ରମକୁ ତନ, ମନ ଓ ଧନ ଦାନ କରିଥିବା ୧୦୮ ଜଣ ପ୍ରମୁଖ ବ୍ୟକ୍ତି ଓ ସଂସ୍ଥାକୁ ଶନିବାର ଗାୟତ୍ରୀ ପରିବାର ପକ୍ଷରୁ କୃତଜ୍ଞତା ଜଣାଇ ସମ୍ବର୍ଦ୍ଧନା ଦିଆଯାଇଛି। ଗାୟତ୍ରୀ ପରିବାରର ସେମିଳିଗୁଡ଼ା ସ୍ଥିତ ପୀଠରେ ଏକ ସମାବେଶର ଆୟୋଜନ କରାଯାଇଥିଲା। ଏଥିରେ କୋରାପୁଟ ଗାୟତ୍ରୀ ପରିବାରର ଦକ୍ଷିଣ ଓଡ଼ିଶା ସଂଯୋଜକ ବାଲ୍ମିକୀ ପ୍ରଧାନ, ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର ରାଜ୍ୟ ଉପଦେଷ୍ଟା ଡ. ରଜତ ଷଡ଼ଙ୍ଗୀ, ଜିଲ୍ଲା ଉପଦେଷ୍ଟା ବିଚିତ୍ରାନନ୍ଦ ଧଳ, ଜିଲ୍ଲା ସଂଯୋଜକ ଅମର ପାଢ଼ୀ, ଶାନ୍ତିକୁଞ୍ଜ ପ୍ରତିନିଧି ବାସୁଦେବ ସାହୁ, କୋରାପୁଟ ଜିଲ୍ଲା ଯୁବ ପ୍ରଭାରୀ ଅଜୟ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ଅଜୟ ସାହୁ ଓ ସମାଜସେବୀ ଆନନ୍ଦ ପାଟଓ୍ୱାନିଆ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଯେଉଁମାନେ ସହଯୋଗ କରିଥିଲେ ସେମାନଙ୍କୁ ଗାୟତ୍ରୀ ଉପଢ଼ୌକନ, ଟି ସାର୍ଟ ଓ ଅଖଣ୍ଡ ଜ୍ୟୋତି ପତ୍ରିକା ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସହଯୋଗ କରି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞକୁ ସଫଳ କରିଥିବା ହେତୁ ଗାୟତ୍ରୀ ପରିବାର ପକ୍ଷରୁ ସାଧୁବାଦ ଜଣାଯାଇଛି।

## ନାବାଳିକାକୁ ଅପହରଣ ଓ ହତ୍ୟା ଘଟଣା

# ଦୋଷୀକୁ ଆଜୀବନ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନା

**ରାୟଗଡ଼ା,୧୬।୩(ସମିସ)**



ଜଣେ ୧୨ ବର୍ଷର ନାବାଳିକାକୁ ଅପହରଣ ଓ ହତ୍ୟା ଅଭିଯୋଗରେ ବିଚାରାଧୀନ ଥିବା କଏଦୀ ସେବା ବାଗସିଂକୁ ଶନିବାର ରାୟଗଡ଼ା ପୋକ୍ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ଶ୍ୱେତା ମିଶ୍ର ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ରାୟ ଶୁଣାଣି କରିଛନ୍ତି।

ଏ ନେଇ ପୋକ୍ସୋ କୋର୍ଟ ସ୍ୱତନ୍ତ୍ର ସରକାରୀ ଓକିଲ ବିରଜା ପାତ୍ରଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁରର ଥାନାରେ ୨୦୧୯ ଡିସେମ୍ବର ୨୩ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଦୁଇ ଜଣ ଭାଇଭଉଣୀ ଖେଳଣା ଜିନିଷ କିଣିବାକୁ ଏକ ମେଳାକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ସେବା ବାଗସିଂ ଦୁଇ ଭାଇଭଉଣୀଙ୍କୁ ଚକୋଲେଟ୍ ଦେଇ ତାଙ୍କ ଘରେ ଛାଡ଼ି ଦେବି ବୋଲି କହିଥିଲା। ସେଠାରୁ ସେ ବାହାରି ଭାଇଭଉଣୀଙ୍କୁ ଘରକୁ ନ ନେଇ ଭଉଣୀକୁ ଅଧାବାଟରେ ହିଁ ଭାଇ ସମ୍ମୁଖରେ ଟାଣି ନେଇଥିଲା। ଘଟଣାକୁ ନେଇ ଭାଇ ଜଣକ ତୁରନ୍ତ ନିଜ ବାପା ଓ ମାଆଙ୍କୁ ଜଣାଇଥିଲା। ସଙ୍ଗେ ସଙ୍ଗେ ବାପା ଓ ମାଆ ନିଜ ଝିଅକୁ ଖୋଜାଖୋଜି କରି ନ ପାଇବା ପରେ ଚନ୍ଦ୍ରପୁର ଥାନାରେ ଯାଇ ଏକ ଲିଖିତ ଅଭିଯୋଗ କରିଥିଲେ। ପରେ ନିଖୋଜ ଝିଅଟିର ମୃତଦେହ ଉଦ୍ଧାର ହେବା ପରେ ଘଟଣାକୁ ନେଇ ଚନ୍ଦ୍ରପୁର ଥାନା ପୁଲିସ ୩୦ ଜଣ ସାକ୍ଷ୍ୟ ପ୍ରମାଣକୁ ନେଇ ଅଭିଯୁକ୍ତ ସେବା ବାଗସିଂକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମସ୍ତ ସାକ୍ଷୀଙ୍କ ମଧ୍ୟରୁ ୨୭ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ବିଚାର କରି ରାୟଗଡ଼ା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ଶ୍ୱେତା ମିଶ୍ର ବିଚାରାଧୀନ କଏଦୀ ସେବା ବାଗସିଂକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଦେଇଛନ୍ତି। ଏଭଳି ରାୟ ସମାଜରେ ଘଟୁଥିବା ଅପରାଧକୁ ରୋକିବାରେ ସାହାଯ୍ୟ କରିବାରେ ଏବଂ ଅପରାଧୀମାନେ ନାବାଳିକାଙ୍କ ପ୍ରତି କରୁଥିବା ଅତ୍ୟାଚାରକୁ ଏହି ଦଣ୍ଡବିଧାନ ଦ୍ୱାରା ସେମାନେ ଜାଗ୍ରତ ହେବେ ବୋଲି ଓକିଲ ଶ୍ରୀ ପାତ୍ର କହିଛନ୍ତି।

## ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ଡମ ସମାଜ

**ରାୟଗଡ଼ା,୧୬।୩(ସମିସ):** ୧୭ଦଫା ଦାବି ପୂରଣ ଦିଗରେ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଗତ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣାରେ ବସିଥିବା ଜିଲ୍ଲା ଡମ୍ ସମାଜ ନେତୃବୃନ୍ଦଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଛନ୍ତି। ଏହି ଆଲୋଚନା ପରେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଦେଇ ଧାରଣାକୁ ସ୍ଥଗିତ ରଖାଯାଇଥିବା ନେଇ ଡମ ସମାଜର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଗରଡ଼ା ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ତହସିଲଦାର ପ୍ରିୟଦର୍ଶନୀ ସ୍ୱାଇଁ ଧାରଣାସ୍ଥଳରେ ଡମ ସମାଜର ନେତୃବୃନ୍ଦଙ୍କ ସହ ଆଲୋଚନା କରିବା ସହ ତାଙ୍କୁ ଅବଗତ କରାଇଥିଲେ। ଏନେଇ ଶ୍ରୀ ଗରଡ଼ାଙ୍କ ଠାରୁ ମିଳିଥିବା ସୂଚନାନୁଯାୟୀ, ଡମ ସମାଜ ପକ୍ଷରୁ ୧୭ଦଫା ଦାବି ଉପସ୍ଥାପନା କରାଯାଇ ଏହାକୁ ପୂରଣ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହି ଦାବିଗୁଡ଼ିକ ମଧ୍ୟରେ ଜିଲ୍ଲା ପ୍ରଶାସନସ୍ତରରେ ଥିବା ଦାବିକୁ ଜିଲ୍ଲାପାଳ ପର୍ଯ୍ୟାୟ କ୍ରମେ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ଗରଡ଼ା ପ୍ରକାଶ କରିଛନ୍ତି। ବିଶେଷ କରି ଡମ ସମାଜର ଭାଷା, ପରମ୍ପରା, କଳା ଓ ସଂସ୍କୃତିକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ଦାବି, ପଞ୍ଚାୟତିରାଜ କ୍ଷେତ୍ରରେ ଅନୁସୂଚିତ ଜାତି ବର୍ଗଙ୍କୁ ଦ୍ୱିତୀୟ ସ୍ଥାନ ସଂରକ୍ଷଣ ଦାବି, ଜିଲ୍ଲାର ତିନୋଟି ବିଧାନସଭାକୁ ୬ଟିରେ ବୃଦ୍ଧି କରିବା, ଜନଜାତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଭଳି ଅନୁସୂଚିତ ଜାତିଙ୍କ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିବା ସହ ଅନ୍ୟାନ୍ୟ ଦାବି ଏବଂ ଜିଲ୍ଲାର ରାୟଗଡ଼ା ଓ ଜେକେପୁର ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ରହୁଥିବା ଡମ ସମାଜର ଗରୀବ ପରିବାରଙ୍କୁ ଚିହ୍ନଟ କରାଯାଇ ଥଇଥାନ ବ୍ୟବସ୍ଥା ସହ ଘରଡିହ ପଟ୍ଟା ପ୍ରଦାନ ପାଇଁ ପ୍ରଶାସନସ୍ତରରେ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ସେ କହିଛନ୍ତି।

## ୪୦୦ ଲିଟରରୁ ଊର୍ଦ୍ଧ୍ୱ ସଲପ ରସ ଓ ୫ଟି ବାଇକ୍ ଜବତ; ୯ ଗିରଫ



**ରାୟଗଡ଼ା,୧୬।୩(ସମିସ):** ସୀମାନ୍ତ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ରାୟଗଡ଼ା ଜିଲ୍ଲା ଅବକାରୀ ଥାନା ଅନ୍ତର୍ଗତ କେରଡ଼ା ଅଞ୍ଚଳରେ ବେଆଇନ ଭାବେ ଚୋରାରେ ସଲପ ରସ ବିକ୍ରି କରୁଥିବା ଅଭିଯୋଗରେ ସଦର ଅବକାରୀ ଥାନା ପୁଲିସ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନଙ୍କ ପାଖରୁ ୫ଟି ବାଇକ୍ ସହ ୪୦୦ ଲିଟରରୁ ଊର୍ଦ୍ଧ୍ୱ ସଲପ ରସକୁ ଜବତ କରି ନଷ୍ଟ କରିଥିବା ନେଇ ସଦର ଅବକାରୀ ନିରୀକ୍ଷକ ସତ୍ୟନାରାୟଣ ଦାଶ ପ୍ରକାଶ କରିଛନ୍ତି। ସୂଚନାନୁଯାୟୀ, ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲାରେ ବେଆଇନ ମଦ ଓ ଗଞ୍ଜେଇ ଭଳି ଅନ୍ୟାନ୍ୟ ନିଶାଦ୍ରବ୍ୟ ଚୋରାଚାଲାଣ ତଥା ବେପାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ନିମନ୍ତେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ ବିସି, ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷକୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ପୁଲିସ ପକ୍ଷରୁ ଜୋରଦାର ଧରପଗଡ଼ ଜାରି ରହିଛି। ଏହିକ୍ରମରେ କେରଡ଼ା ଅଞ୍ଚଳରେ ରାୟଗଡ଼ା ଅବକାରୀ ନିରୀକ୍ଷକ ଶ୍ରୀ ଦାସଙ୍କ ନେତୃତ୍ୱରେ ଅନ୍ୟ ଅବକାରୀ ପୁଲିସ ଅଧିକାରୀ ଓ କନଷ୍ଟେବଲମାନେ ଶନିବାର ଭୋର ସମୟରୁ ପାଟ୍ରୋଲିଂ କରିଥିଲେ। ସେହି ସମୟରେ ଆନ୍ଧ୍ରରୁ ୫ଟି ବାଇକରେ ୯ଜଣ ବ୍ୟକ୍ତି କେରଡ଼ା ଅଞ୍ଚଳରେ ସଲପ ରସ ବିକ୍ରି କରିବାକୁ ଆସିଥିବାବେଳେ ସେମାନଙ୍କୁ ଯାଞ୍ଚ କରାଯାଇଥିଲା। ପରେ ସଲପ ରସକୁ ଜବତ କରି ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ଆଚରଣ ବିଧି ଲାଗୁ ପରେ ହଟିଲା ଦଳୀୟ ହୋର୍ଡିଂ

**ନନ୍ଦପୁର,୧୬।୩(ସମିସ):** କୋରାପୁଟ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ତହସିଲଦାର ତଥା ସ୍ଥାନୀୟ ମାଜିଷ୍ଟ୍ରେଟ ଅନାଦୀ ଚରଣ ସାହୁ ଫ୍ଲାଇଙ୍ଗ ସ୍କ୍ୱାଡ୍ ନେଇ ନନ୍ଦପୁର ଅଞ୍ଚଳ ମାରାଥନ ଭ୍ରମଣ କରି ବିଭିନ୍ନ ଅଞ୍ଚଳରେ ଲାଗିଥିବା ସରକାରୀ ଓ ଦଳୀୟ ହୋର୍ଡିଂ ହଟାଇଛନ୍ତି। ଶନିବାର ମଧ୍ୟାହ୍ନରେ ଭାରତୀୟ ନିର୍ବାଚନ ଅଧିକାରୀ ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାରେ ନିର୍ବାଚନ ତାରିଖ ଘୋଷଣାର କିଛି ସମୟ ପରେ କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ବ୍ଲକ ମାଜିଷ୍ଟ୍ରେଟ ଅନାଦି ଚରଣ ସାହୁ ଫ୍ଲାଇଙ୍ଗ ସ୍କ୍ୱାଡ୍ ନେଇ ନନ୍ଦପୁର ମୁଖ୍ୟ ରାସ୍ତା, ସରକାରୀ କାର୍ଯ୍ୟାଳୟ, ଲକ୍ଷ୍ମୀ ବସ୍ ସମେତ ବିଭିନ୍ନ କାନ୍ଥଗୁଡ଼ିକରେ ଲାଗିଥିବା ସରକାରୀ ଓ ଦଳୀୟ ହୋର୍ଡିଂଗୁଡ଼ିକୁ ହଟାଇବା ସହିତ ନନ୍ଦପୁର ବ୍ଲକରେ ରହିଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କୁ କାର୍ଯ୍ୟାଳୟଗୁଡ଼ିକରେ ଲାଗିଥିବା ସରକାରୀ ଯୋଜନାମାନଙ୍କର ପୋଷ୍ଟରଗୁଡ଼ିକୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।



## ଗଣ୍ଡା ଓ ଚାଲାଣ ମଜ୍‌ଦୁର ସଂଘ ଗଠନ ପାଇଁ ବୈଠକ



**କୋଷାଗୁମୁଡ଼ା,୧୬।୩(ସମିସ)**

ଶୁକ୍ରବାର କୋଷାଗୁମୁଡ଼ା ବ୍ଲକର ସନ୍ତୋଷପୁର ପଞ୍ଚାୟତର ଆଦର୍ଶ କଲ୍ୟାଣ ମଣ୍ଡପଠାରେ ବ୍ଲକର ୨୬ଟି ପଞ୍ଚାୟତର ଗଣ୍ଡା ଓ ଚାଲାଣଙ୍କୁ ନେଇ ଏକ ସଂଘ ଗଠନ ଓ ନିଜର ଜୀବିକା ନିର୍ବାହକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ଥାନୀୟ ସନ୍ତୋଷପୁରର ମନୋହର ହରିଜନଙ୍କ ନେତୃତ୍ୱରେ ଭାରତୀୟ ମଜଦୁର ସଂଘ ଉପଦେଷ୍ଟା ପରମେଶ୍ୱର ବିଶୋଇଙ୍କ ଉପସ୍ଥିତିରେ ନବରଙ୍ଗପୁର ଜିଲ୍ଲା ଗଣ୍ଡା ଓ ଚାଲାଣ ମଜଦୁର ସଂଘ ଗଠନ ଓ ନିଜ ଦାବି ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ ପାଇଁ ଆଲୋଚନା କରିଛନ୍ତି। କିଭଳି ସଂଘ ତିଆରି ହେବା ସହ ଆଗକୁ ରେଜିଷ୍ଟ୍ରେସନ କରିବା ଏବଂ ଜିଲ୍ଲାର ୧୦ଟି ବ୍ଲକର ଗଣ୍ଡା ଓ ଚାଲାଣଙ୍କ ପାଇଁ ଗୋଟିଏ ଗୋଟିଏ ସଂଘ ତିଆରି କରି ପରିଚାଳନା କରିବା ଉପରେ ଆଲୋଚନା ହୋଇଥିଲା। ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଗଣ୍ଡା, ଚାଲାଣ, ପୂଜାରୀଙ୍କୁ ୧୦ ହଜାର, ୧୩ ହଜାର, ୭ ହଜାର ଟଙ୍କା ଭତ୍ତା ଆକାରରେ ରାଜ୍ୟ ସରକାରଙ୍କଠାରୁ ମିଳୁଛି। ତେବେ ଆମ ରାଜ୍ୟରେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ଗଣ୍ଡା, ଚାଲାଣଙ୍କୁ ଭତ୍ତାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଗାମୀ ଦିନରେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ କୋଷାଗୁମୁଡ଼ା ସଂଘ ଗଠନ କରି ସଭାପତି ଭାବେ ମନୋହର ହରିଜନ, ଉପସଭାପତି ସୁନାଧର ଗଣ୍ଡା ଓ ଦିନୁ ହରିଜନ, ସମ୍ପାଦକ ବିଷ୍ଣୁରାମ ଗଣ୍ଡା, ସହ ସମ୍ପାଦକ ଧନପତି ମିର୍ଗାନ, ବିଦ୍ୟା ଭତ୍ରା, କୋଷାଧ୍ୟକ୍ଷ ବୁଦୁରାମ ଗଣ୍ଡା, ସହ କୋଷାଧ୍ୟକ୍ଷ ରାମନାଥ ଗଣ୍ଡା ପ୍ରମୁଖଙ୍କ ସହ ପ୍ରାୟ ୨୬ଟି ପଞ୍ଚାୟତର ଗଣ୍ଡା ଓ ଚାଲାଣ ଶତାଧିକ ପୁରୁଷ ସଦସ୍ୟ ଉପସ୍ଥିତ ଥିଲେ।

## ନୂତନ ଆଇଆଇସିଙ୍କ ଯୋଗଦାନ

ତେନ୍ତୁଲିଖୁଣ୍ଟି,୧୬।୩(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ଥାନାରେ ନୂତନ ଆଇଆଇସି ଭାବରେ ଗୋପାଳ କୃଷ୍ଣ ଚନ୍ଦ୍ର ଆଗୁପାତ୍ର କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ ଗଞ୍ଜାମ ଜିଲ୍ଲା ପୋଲସରା ଥାନାରେ କାର୍ଯ୍ୟରତ ଥିଲେ। ନୂତନ ଆଇଆଇସିଙ୍କୁ ଥାନା କର୍ମଚାରୀ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଅଞ୍ଚଳରେ ଶାନ୍ତି ଓ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି ଆଇଆଇସି ଶ୍ରୀ ଆଗୁପାତ୍ର ସୂଚନା ଦେଇଛନ୍ତି।



# ରାସ୍ତା ଓ ଗୃହ ବିଭାଜନର ତରବରିଆ କାମକୁ ନେଇ ଲୋକେ ଅସନ୍ତୋଷ

**କୋରାପୁଟ,୧୬।୩(ସମିସ)**

ନିର୍ବାଚନ ପୂର୍ବରୁ କୋରାପୁଟ ରାସ୍ତା ଓ ଗୃହ ବିଭାଜନ ତରଫରୁ ତରବରିଆ ଭାବେ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନ ହେଲା କୋରାପୁଟ ସହରର ବିଭିନ୍ନ ସ୍ଥାନରେ ରାସ୍ତାଗୁଡ଼ିକ ଖରାପ ହୋଇପଡ଼ିଥିଲା। ମରାମତି କାର୍ଯ୍ୟ କରିବା ପାଇଁ ଅଞ୍ଚଳବାସୀ ବହୁ ଦିନରୁ ଦାବି କରି ଆସୁଥିଲେ। କିନ୍ତୁ ରାସ୍ତା ଓ ଗୃହ ବିଭାଜନ ଅଞ୍ଚଳବାସୀଙ୍କ କଥାକୁ କର୍ଣ୍ଣପାତ କରୁ ନ ଥିଲେ। କିନ୍ତୁ ଏବେ ନିର୍ବାଚନ ପାଖେଇ ଆସୁଥିବାରୁ ମାର୍ଚ୍ଚ ମାସର ଟାର୍ଗେଟ ପୂରଣ କରିବା ପାଇଁ ରାତି ଅଧିଆ କାମ ଚାଲିଥିବା ଦେଖିବାକୁ ମିଳିଛି। କାମ ସରିବାର ୨ ଦିନ ନ ହେଉଣୁ ରାସ୍ତାରୁ ପିଚୁ ଉଠିଯିବା ସହିତ ବଜୁରି ବାହାରି ଯାଉଥିବା ନଜରକୁ ଆସୁଛି। କୋରାପୁଟ ପୌର ପରିଷଦ ଅଧୀନରେ ଥିବା ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ରାସ୍ତା, ଚନ୍ଦନ ପୋଖରୀ, ମାଉସୀ ମା' ମନ୍ଦିରଠାରୁ ରେଲୱେ ଛକ ପର୍ଯ୍ୟନ୍ତ କରାଯାଇଥିବା ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ଓ ତରବରିଆ ଭାବେ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।




ମାଉସୀ ମା' ମନ୍ଦିରଠାରୁ ରେଲୱେ ଛକ ପର୍ଯ୍ୟନ୍ତ ହୋଇଥିବା ୨ କିଲୋମିଟର ରାସ୍ତା ମରାମତି ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଥିଲା। ବର୍ଷା ଦିନରେ ସେହି ରାସ୍ତା ତରବରିଆ ଭାବେ କରାଯାଇଥିଲା। କିଛି ମାସ ବ୍ୟବଧାନରେ ପୁଣି ସେହି ରାସ୍ତାକୁ ମରାମତି କରିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତା ଓ ଗୃହ ବିଭାଜନ ତରଫରୁ କରାଯାଉଥିବା କାର୍ଯ୍ୟ ସବୁ ନିମ୍ନମାନର ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରି ଆସୁଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ କର୍ଣ୍ଣପାତ କରୁନାହିଁ। ନିର୍ବାଚନ ପାଖେଇ ଆସୁଥିବାରୁ ନେତା ଓ ଠିକାଦାରମାନଙ୍କୁ ଖୁସି କରିବା ପାଇଁ ଏମିତି କାମ ଚାଲିଛି ବୋଲି ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି ବୁଦ୍ଧିଜୀବୀ।

# ସାଂସଦଙ୍କ ମାରାଥନ ଭିତ୍ତିପ୍ରସ୍ତର ସ୍ଥାପନ



ତେନ୍ତୁଳିଖୁଣ୍ଟି,୧୬।୩(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ନିର୍ବାଚନ ଆଚରଣ ବିଧି ଲାଗୁ ପୂର୍ବରୁ ନବରଙ୍ଗପୁର ସାଂସଦ ରମେଶ ମାଝୀ ବିଭିନ୍ନ ପ୍ରକଳ୍ପର ମାରାଥନ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କଣ୍ଟାଗାଁରେ ଭତ୍ରା ସମାଜ ପାଇଁ ସଭାଗୃହ, ପଣସପଦରର ଜେଇଏଲ୍ ଚର୍ଚ୍ଚଠାରେ ହଲ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ଚରାମୂଳାଠାରେ ସାଂସଦ ପାଣ୍ଠିରେ ରାମ ମନ୍ଦିର ନିର୍ମାଣ ପାଇଁ ଶୁଭ ଦେଇଛନ୍ତି। ଅପରାହ୍ଣରେ ଖାତିଗୁଡ଼ାଠାରେ କଳିଙ୍ଗ ବୈଶ୍ୟ ସମାଜ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ସାଂସଦଙ୍କ ସମେତ ବିଧାୟକ ସଦାଶିବ ପ୍ରଧାନୀ, ବ୍ଲକ୍ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ସମିତିସଭ୍ୟ ସୁକାନ୍ତି ମହାନ୍ତି, କୁନା ମହାନ୍ତି, ସମିତିସଭ୍ୟ ସୁଧୀର ଖୁରା, ଯୁବ ବିଜେଡି ବ୍ଲକ୍ ସଭାପତି ସୁରେଶ ନାୟକ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ଦୟାନିଧି ବିଶୋଇ, ଲଚ୍ଛମନ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସାଂସଦ ବିଧାୟକ ସଦାଶିବ ପ୍ରଧାନୀଙ୍କ ସହ ମିଶି ତେନ୍ତୁଳିଖୁଣ୍ଟି ବ୍ଲକରେ ମାରାଥନ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ କରିଛନ୍ତି। ଖାତିଗୁଡ଼ା କଳିଙ୍ଗ ବୈଶ୍ୟ ସମାଜ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ କଳିଙ୍ଗ ବୈଶ୍ୟ ସମାଜର ନିତ୍ୟାନନ୍ଦ ପୃଷ୍ଟି, କୁନା ପାତ୍ର, ପ୍ରଦୀପ ସେନାପତି, ଶିବ ଶଙ୍କର ପାତ୍ର, ଜୟଲାଲ ସୁବୁଦ୍ଧି, ଆଶୁତୋଷ ସୁବୁଦ୍ଧି, ୱାଇ ଭେଙ୍କେଟରାଓ, ହରି ନାରାୟଣ ମାଲୁ, ପି. ସମେଶ୍ୱର ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଯାଦବ ଭବନ ଓ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ

ନବରଙ୍ଗପୁର,୧୬।୩(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ସିନ୍ଧିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ନୂଆଗଡ଼ଠାରେ ଜିଲ୍ଲା ଯାଦବ ସମାଜକୁ ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥିବା ୧୫ ସେଣ୍ଟ ଜମିରେ ଯାଦବ ସମାଜର ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଛାତ୍ରାବାସ ଓ କାର୍ଯ୍ୟାଳୟ ଗୃହ ନିର୍ମାଣ ନେଇ ଶନିବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ଜିଲ୍ଲା ପରିଷଦ ଜୋନ୍-୧ ସଦସ୍ୟ ଦିବ୍ୟଦାନ ସୁନା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଯାଦବ ସମାଜ ସଭାପତି ଜ୍ୟୋତି ରଞ୍ଜନ କଂସ, କାର୍ଯ୍ୟକାରୀ ସଭାପତି ଦେବଦାସ ମହାଙ୍କୁଡ଼, ଦୈତାରୀ ମାଝୀ, ପଞ୍ଚୁନାଥ ପାତ୍ର, ସୈନିକ ଗୌଡ଼, କମଳ ଲୋଚନ ବାଘ, ନବଘନ ଗୌଡ଼, ସହଦେବ ନିଆଲ, ଲଖିନାଥ ରାଉତ, ଟଙ୍କ ଗୌଡ଼, ହରି ଗୌଡ଼, ତ୍ରିନାଥ ଗୌଡ଼, କନେଶ୍ୱର ଗୌଡ଼, ଦୁର୍ଲଭ ଗୌଡ଼, ପ୍ରହ୍ଲାଦ ନାୟକ, ବାବୁ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।



## ପୂର୍ବତନ ଡିଆଇପିଆର୍‌ଓଙ୍କ ଅକାଳ ବିୟୋଗରେ ଶୋକ



କୋରାପୁଟ,୧୬।୩(ସମିସ): କୋରାପୁଟ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ପୂର୍ବତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ କୋରାପୁଟ ପ୍ରେସ୍ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶୋକସଭାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା, କାର୍ଯ୍ୟାଳୟର ସୁଭାଷିନୀ ପଟ୍ଟନାୟକ, ସନ୍ତୋଷ ସେଠୀ, ସତ୍ୟ ନାରାୟଣ ପ୍ରଧାନ, ଅଲିଭା କୁମାର ବେହେରାଙ୍କ ସମେତ କୋରାପୁଟ ପ୍ରେସ୍ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର ଏବଂ ଅନେକ ସାମ୍ବାଦିକ ଉପସ୍ଥିତ ରହି ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହ ସ୍ୱର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ। ସୂଚନା ଯୋଗ୍ୟ ଯେ, ଶ୍ରୀ ମଲ୍ଲିକ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ଭୁବନେଶ୍ୱରରେ ଶୁକ୍ରବାର ସକାଳେ ସେ ବ୍ୟାଡମିଣ୍ଟନ୍ ଖେଳୁଥିବାବେଳେ ଅଚାନକ ଛାତିରେ ଯନ୍ତ୍ରଣା ଅନୁଭବ କରି ଅଚେତ ହୋଇପଡ଼ିଥିଲେ। ଡାକ୍ତରଖାନା ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ମଲ୍ଲିକ କୋରାପୁଟ ଡିଏଭି କଲେଜରେ ଅଧ୍ୟୟନ କରିଥିବାବେଳେ ସେ ଦୀର୍ଘ ଦିନ କୋରାପୁଟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ।

# ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ



ନବରଙ୍ଗପୁର,୧୬।୩(ସମିସ): ଶନିବାର ନବରଙ୍ଗପୁର ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ମିଶନ ଶକ୍ତି ବୈଠକ ଗୃହରେ ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳନ କରାଯାଇଛି। ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ମଳୟ ତ୍ରିପାଠୀ ଯୋଗଦେଇ କିଶୋରୀ ଓ ଗର୍ଭବତୀ ମହିଳାମାନେ ଲୌହସାର ବାଟିକା ଓ କୃମିନାଶକ ଔଷଧ ଖାଇବା ଦ୍ୱାରା କିଭଳି ଉପକାର ମିଳିଥାଏ ତାହା ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ପୋଷଣ ପକ୍ଷ ଆଗାମୀ ଦିନରେ ବ୍ଲକସ୍ତରୀୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ପାଳନ କରାଯିବ ବୋଲି କହିଥିବାବେଳେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସସ୍ମିତାବାଳା ମହାନ୍ତି କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ।

● ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଶିକ୍ଷକଶିକ୍ଷୟିତ୍ରୀଙ୍କ ଦାବି ପୂରଣରେ ବିଳମ୍ବ

# ଆସନ୍ତା ଶିକ୍ଷାବର୍ଷରୁ ହଷ୍ଟେଲ ଦାୟିତ୍ୱ ବର୍ଜନ ଚେତାବନୀ

ଭୁବନେଶ୍ୱର/ରାମନାଗୁଡ଼ା,୧୬।୩(ସମିସ):

ସାଧାରଣ ନିର୍ବାଚନ ପୂର୍ବରୁ ସରକାର ପ୍ରାୟ ସବୁ ବିଭାଗ ଓ ସବୁ ବର୍ଗର କର୍ମଚାରୀଙ୍କ ପାଇଁ କିଛି ନା କିଛି ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛନ୍ତି। କିନ୍ତୁ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଶୃଙ୍ଖଳିତ କର୍ମଚାରୀ ହିସାବରେ ଅହୋରାତ୍ର ୫ ଲକ୍ଷରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀଣ ଉନ୍ନତି ନିମନ୍ତେ କାର୍ଯ୍ୟ କରୁଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ନିମନ୍ତେ କୌଣସି ଘୋଷଣା କରାଯାଇ ନ ଥିବାରୁ ସମଗ୍ର ବିଭାଗର ଶିକ୍ଷକଶିକ୍ଷୟିତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ ଅନେକଥର ଦାବି କରାଯାଇଥିବାବେଳେ ଏ ସମ୍ପର୍କିତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ଦାବି ପୂରଣ ହୋଇପାରିନାହିଁ। ଏଥି ସହିତ ସରକାରଙ୍କୁ ପୁଣି ଥରେ ଅନୁରୋଧ କରାଯାଇଛି କି ବିଭାଗରେ କାର୍ଯ୍ୟରତ ସମସ୍ତ ବର୍ଗର ଶିକ୍ଷକମାନଙ୍କର ଦରମା ଗତ ଅସଙ୍ଗତି ଦୂର କରାଯାଇ କ୍ୟାଡର ନିୟମର ସଂଶୋଧନ ତୁରନ୍ତ କରାଯାଉ। ୬ ବର୍ଷର ଚୁକ୍ତିଭିତ୍ତିକ କାର୍ଯ୍ୟକୁ ମୂଳ ଚାକିରି ସହିତ ଗଣନ କରାଯାଇ ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରାଯାଇ ୨୦୦୪ରୁ କାର୍ଯ୍ୟରତ ବିଭାଗର ସମସ୍ତ ଶିକ୍ଷକଙ୍କ ନିମନ୍ତେ ଅର୍ଥ ବିଭାଗ ନିୟମ ପ୍ରକାରେ ମାନକ ନିର୍ବାହ ପଦ୍ଧତି ପ୍ରକାରେ ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ଆସନ୍ତା ସମୟରେ ଅନୁସୂଚିତ ଜାତି ଓ ଜନଜାତି ଦ୍ୱାରା ପରିଚାଳିତ ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଆନ୍ଦୋଳନାତ୍ମକ ପନ୍ଥା ଅନୁସରଣ କରିବାକୁ ବାଧ୍ୟ ହେବେ ଏବଂ ଆସନ୍ତା ଶିକ୍ଷାବର୍ଷରୁ ହଷ୍ଟେଲ ଦାୟିତ୍ୱ ମଧ୍ୟ ବର୍ଜନ କରିବେ ବୋଲି ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ଭୁବନେଶ୍ୱର, ଓଡ଼ିଶା ସଂଘର ସଭାପତି ଚନ୍ଦ୍ରମଣି ତାଜନ ଓ ସାଧାରଣ ସମ୍ପାଦକ ବିଜୟ କୁମାର ରଥ ପ୍ରମୁଖ ଚେତାବନୀ ଦେଇଛନ୍ତି।




### ୨୦୨୪ ବୈଶାଖୀ ସଂସ୍କରଣ ପ୍ରକାଶନ ନିମନ୍ତେ ପ୍ରସ୍ତୁତି ବୈଠକ

# 'ଚଳିତ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ଥାନ ଓ ତାରିଖ ନିର୍ଘଣ୍ଟ ହେବ'



ନନ୍ଦପୁର,୧୬।୩(ସମିସ):

ନନ୍ଦପୁର ବ୍ଲକ୍ ଅଞ୍ଚଳରେ ଭାଷା ଓ ସାହିତ୍ୟର ସୁରକ୍ଷା ଲାଗି କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସେବା ସଂସଦର ଜରୁରିକାଳୀନ ବୈଠକ ଶନିବାର ନନ୍ଦପୁର ସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଥିଲା। ସଂସଦ ତରଫରୁ ପ୍ରକାଶ ପାଉଥିବା ପୁସ୍ତିକା ୨୦୨୪ ମସିହାର ବୈଶାଖୀର ଅଷ୍ଟମ ସଂସ୍କରଣ ପ୍ରକାଶନ ନିମନ୍ତେ ପ୍ରସ୍ତୁତି ବୈଠକ ସଭାପତି ରାଜେନ୍ଦ୍ର ପାଢ଼ୀଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ହୋଇଥିଲା। ସଂସଦ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଟୁନେସ ପାତ୍ର, ଉପସଭାପତି ଶତ୍ରୁଘ୍ନ ହିକାବାଡ଼ି, ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ମହାନ୍ତି, ସାଂଗଠନିକ ସମ୍ପାଦକ ତ୍ରିନାଥ ଖରା, ଆବାହକ ଭଗବାନ ମହାପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଚଳିତ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ଥାନ, ତାରିଖ ଓ ନିର୍ଘଣ୍ଟ ସ୍ଥିର ନେଇ ସର୍ବସହମତି କ୍ରମେ ଆସନ୍ତା ଜୁନ୍ ୨୩ ଆଷାଢ଼ କୃଷ୍ଣ ପ୍ରତିପଦା ତିଥିରେ ୨୦୨୪ ସଂସ୍କରଣ ପୁସ୍ତିକା ବୈଶାଖୀ ନନ୍ଦପୁର ସ୍ଥିତ ଶିମାଦ୍ରୀ ମଣ୍ଡପଠାରେ ଏକ ବର୍ଣ୍ଣାଢ଼୍ୟ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଆୟୋଜନ କରାଯାଇ ଉନ୍ମୋଚନ କରିବାକୁ ସ୍ଥିର କରାଯାଇଥିଲା। ଆସନ୍ତା ସଂସ୍କରଣରେ ରାଜ୍ୟର କୋଣ ଅନୁକୋଣର ସାହିତ୍ୟିକ, କବି, ପ୍ରାବନ୍ଧିକଙ୍କ ଆଲେଖ୍ୟ ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାର ଲେଖକ ଲେଖିକାଙ୍କଠାରୁ ୪ ଜିଲ୍ଲାର ଭୌଗୋଳିକ, ସାଂସ୍କୃତିକ, ପର୍ଯ୍ୟଟନ, ପରମ୍ପରା ସମ୍ପର୍କିତ ସଂଗୃହିତ ଆଲେଖ୍ୟଗୁଡ଼ିକ ପ୍ରକାଶନ ନିମନ୍ତେ ପ୍ରାଧାନ୍ୟ ଦିଆଯିବାକୁ ସ୍ଥିର କରାଗଲା। ଛାତ୍ରଛାତ୍ରୀଙ୍କ ଆଲେଖ୍ୟ ପାଇଁ ନବକଳିକାରେ ୪ ଜିଲ୍ଲାର ଶିକ୍ଷାନୁଷ୍ଠାନଗୁଡ଼ିକରୁ ଆଲେଖ୍ୟ ସଂଗ୍ରହ କରାଯିବ। ଯଦ୍ୱାରା ପିଲାଙ୍କ ମନରେ ଭାଷା ସାହିତ୍ୟର ସୁରକ୍ଷା ନିମନ୍ତେ ଆଗ୍ରହ ବଢ଼ିବ ବୋଲି ସଂସଦ ସମ୍ପାଦକ ବିଚିତ୍ରା ନନ୍ଦ ପଣ୍ଡା କହିଛନ୍ତି।

# ନେଚର ପାର୍କ 'ନୈମିଷାରଣ୍ୟ' ଲୋକାର୍ପିତ



ଜୟପୁର,୧୬।୩(ସମିସ):

କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଜଜ୍ କୋର୍ଟ ନିକଟରେ ଥିବା ଜୟପୁର ବନଖଣ୍ଡର ପେନାଙ୍ଗି ସଂରକ୍ଷିତ ଜଙ୍ଗଲରେ ଜୟପୁର ପୌରପାଳିକା ପକ୍ଷରୁ ସମ୍ପ୍ରତି ପ୍ରାକୃତିକ (ନେଚର) ପାର୍କ 'ନୈମିଷାରଣ୍ୟ'ର ଲୋକାର୍ପଣ ହୋଇଛି। ଗତ ୬ ମାସ ଧରି ଏହାର ନିର୍ମାଣ ସରିଥିବାବେଳେ ଲୋକାର୍ପଣ ପାଇଁ ଏହି ପାର୍କ ଅପେକ୍ଷାରେ ରହିଥିଲା। ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏହାକୁ ଶନିବାର ଲୋକାର୍ପଣ କରିଛନ୍ତି। ଜୟପୁର ବନଖଣ୍ଡ ଡିଏଫ୍‌ଓ ପ୍ରଦୀପ କୁମାର ବେହେରା, ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷା ବି.ସୁନିତା, ପୌର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, କନିଷ୍ଠ ଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟ, ଅଜୟ ଜାନୀ, କାଉନସିଲର ପ୍ରଣବ କିଶୋର ନାୟକ, ମଧୁସ୍ମିତା ଓରାନ, ଯଶପାଲ ସିଂ, ଗାୟତ୍ରୀ ଖରା, ଶଶିରେଖା ପରଜା, ରେଞ୍ଜର ସଚ୍ଚିନନ୍ଦନ ପରିଡ଼ା, ଫରେଷ୍ଟର ରଞ୍ଜିତା ନାୟକ, କାଉନସିଲରଙ୍କ ସହ ପୌରପାଳିକା ଓ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନା ମୁତାବକ, ଏହି ନେଚର(ପ୍ରାକୃତିକ) ପାର୍କ ପରିସରରେ ଚିରାଚରିତ ଭାବେ ଲାଗୁଥିବା ବୃକ୍ଷ ବଦଳରେ ଔଷଧୀୟ ବୃକ୍ଷ ସବୁ ଲଗାଯାଇଛି। ପାହାଡ଼ ଉପର ଏବଂ ଚାରିପଟେ ତଳ ପର୍ଯ୍ୟନ୍ତ ଚାଲିବା ପାଇଁ ୧.୪ କିଲୋମିଟରର ପାଦଚଲା ରାସ୍ତା ତିଆରି କରାଯାଇଛି। ସହରର ଲୋକେ ସକାଳୁ ଓ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ପରିଧି ୯.୮୯୪୫ ହେକ୍ଟରରେ ଔଷଧୀୟ ଓ ପ୍ରାକୃତିକ ପରିବେଶରେ ବୁଲି ପାରିବେ। ଔଷଧୀୟ ଗଛଗୁଡ଼ିକର ପ୍ରାକୃତିକ ବାସ୍ନାରେ ନିଜକୁ ସୁସ୍ଥ ଅନୁଭବ କରିବେ। ସକାଳୁ ସଞ୍ଜ ନଇଁବା ପର୍ଯ୍ୟନ୍ତ ଏହି ପାର୍କ ଖୋଲା ରହିବ। ସନ୍ଧ୍ୟା ହେବା ମାତ୍ରକେ ଏହାକୁ ବନ୍ଦ କରି ଦିଆଯିବ। ଏହା ପରିସରରେ ଲୋକେ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଔଷଧୀୟ ସବୁଜ ପରିବେଶ ତଥା ମାଟିର ମହମହ ବାସ୍ନାରେ ସମୟ କାଟିପାରିବା ଲକ୍ଷ୍ୟ ରଖାଯାଇଛି। ତେବେ ପାର୍କ ନିର୍ମାଣ ପ୍ରକ୍ରିୟା ଆରମ୍ଭ ପରଠାରୁ ଯଦିଓ ଏହା ବନ୍ଦ ରହିଛି; ଏହାର ସୁରକ୍ଷା ବନ ବିଭାଗ ଓ ମହିଳା ସ୍ୱୟଂ ସହାୟକ ଦଳ ଟିକଟ କାଉଣ୍ଟର ସମ୍ଭାଳିବାର ଯୋଜନା ରହିଛି ବୋଲି କହିଛନ୍ତି ନିର୍ବାହୀ ଅଧିକାରୀ। ସେହିପରି ଶନିବାର ବିଧାୟକ ବୁଣାକର ସଂଘର ଗୋଷ୍ଠୀ ଗୃହ ପାଇଁ ୭ନଂ ୱାର୍ଡରେ ଭୂମିପୂଜା କରିଥିଲେ। ଶୁକ୍ରବାର ବ୍ୟାଙ୍କ କଲୋନୀ ୱାର୍ଡ ନଂ ୨୦ରେ ମା' ଲୋକେଶ୍ୱରୀ ମିନି ପାର୍କ ଓ ୫ନଂ ୱାର୍ଡରେ ପୌରପାଳିକା ସ୍ପୋର୍ଟି ପାର୍କକୁ ବିଧାୟକ ଲୋକାର୍ପଣ କରିଥିବା ପୌରନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି।



# ଓଏସ୍‌ଆର୍‌ଟିସି ବସ୍‌ଷ୍ଟାଣ୍ଡ ପରିସରରେ ଷ୍ଟଲ୍ ଆବଣ୍ଟନ ବୈଠକ



**କୋଷାଗୁମୁଡ଼ା,୧୬ା୩(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ାସ୍ଥିତ ନୂତନଓଏସ୍‌ଆରଟିସିବସଷ୍ଟାଣ୍ଡପରିସରରେ ଥିବା ଚାରିଗୋଟି କମର୍ସିଆଲ ଷ୍ଟଲର ଆବଣ୍ଟନ ପାଇଁ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରସ୍ଥ ମିନି କନ୍‌ଫରେନ୍ସ ହଲଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଷାଗୁମୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ଅର୍ଥ ଅଧିକାରୀ ଜୟପ୍ରକାଶ ଦିଶାରୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ତ୍ରିଲୋଚନ ଛଞ୍ଚାଣ, ଭାରପ୍ରାପ୍ତ ଉପବିଭାଗୀୟ ଅଧିକାରୀ ସୁରେନ୍ଦ୍ର ମୋହନ ଦାସ, କୋଷାଗୁମୁଡ଼ା ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପଣ୍ଡା ଓ ଓଏସ୍‌ଆରଟିସି ଲକ୍ଷ୍ମୀ ବସ୍ ସୁପରଭାଇଜର୍ ଶେଖ ସମୀର ଉପସ୍ଥିତ ଥିଲେ। ଷ୍ଟଲ ପାଇବା ନିମନ୍ତେ ଯେଉଁମାନେ ଆବେଦନ କରିଥିଲେ ସେମାନେ ଉକ୍ତ ବୈଠକରେ ଯୋଗଦେଇଥିଲେ। ପ୍ରଥମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ନୂତନ ଓଏସ୍‌ଆରଟିସି ବସଷ୍ଟାଣ୍ଡ ପରିସରରେ ଥିବା ଚାରିଗୋଟି କମରସିଆଲ ଷ୍ଟଲ ପାଇବା ପାଇଁ ମୋଟ ୨୨ ଜଣ ଆବେଦନକାରୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିଜନିଜ ଆବେଦନ ପତ୍ର ବନ୍ଦ ଲଫାପା ମାଧ୍ୟମରେ ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ଦୀନେଶ କୁମାର ଲିମା ସର୍ବାଧିକ ମାସିକ ୫୬୦୦ ଟଙ୍କା ମୂଲ୍ୟରେ ପ୍ରଥମ ଷ୍ଟଲଟି ପାଇଥିବାବେଳେ ଦ୍ୱିତୀୟ ଷ୍ଟଲଟି ମାସିକ ୫୫୧୧ ଟଙ୍କା ମୂଲ୍ୟରେ ତ୍ରିପତି ପନକା ପାଇଥିଲେ। ସେହିପରି ତୃତୀୟ ଷ୍ଟଲଟି ମାସିକ ୫୦୦୦ ଟଙ୍କା ମୂଲ୍ୟରେ ବିଜୟ ପନକା ପାଇଥିବା ବେଳେ ଚତୁର୍ଥ ଷ୍ଟଲଟି ମଧ୍ୟ ମାସିକ ୫୦୦୦ ଟଙ୍କା ମୂଲ୍ୟରେ ଡମ୍ବରୁ ଗୌଡ଼ ପାଇଥିଲେ। ଉକ୍ତ ଚାରିଜଣ ଯୋଗ୍ୟ ଆବେଦନକାରୀଙ୍କୁ ଷ୍ଟଲ ଆବଣ୍ଟନପତ୍ର ପ୍ରଦାନ କରାଯାଇଥିଲା। ଦୋକାନ ମାଲିକ ଷ୍ଟଲ ନିମନ୍ତେ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା ନିଜେ କରି ବିଲ ପୈଠ କରିବେ ବୋଲି ସୂଚାଯାଇଥିଲା। ଏହାପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଏକ ଚୁକ୍ତିନାମା ପତ୍ରରେ ସ୍ୱାକ୍ଷରିତ କରିବାକୁ ଯୋଗ୍ୟ ଆବେଦନକାରୀଙ୍କୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ତ୍ରିଲୋଚନ ଛଞ୍ଚାଣ ଅନୁରୋଧ କରିଥିଲେ।

## ଉମରକୋଟ ପୌର ପରିଷଦରେ ନିୟମିତ ନିର୍ବାହୀ ଅଧିକାରୀ ନିଯୁକ୍ତି କେବେ

# ୫ ମାସରେ ବଦଳିଲେଣି ୩ ଅଧିକାରୀ

**ଉମରକୋଟ,୧୬ା୩(ସମିସ)**

ନବରଙ୍ଗପୁର ଜିଲ୍ଲାର ଦ୍ୱିତୀୟ ବୃହତମ ସହର ହେଉଛି ଉମରକୋଟ। ବିଡ଼ମ୍ବନାର ବିଷୟ ହେଲା ବଡ଼ ସହରର ପୌର ପରିଷଦ କାର୍ଯ୍ୟାଳୟରେ ଆଜକୁ ୫ ମାସ ହେଲାଣି ନିୟମିତ ନିର୍ବାହୀ ଅଧିକାରୀ ନ ଥିବାରୁ ସହରବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୫ ମାସରେ ୩ ଅଧିକାରୀ ବଦଳି ହେଲେଣି। ରୁଷି ମାଝୀଙ୍କର ୨୬.୧୦.୨୦୨୩ରେ ବଦଳି ହେବା ପରେ ଉମରକୋଟ ବିଡିଓ ପ୍ରୀତିରଞ୍ଜନ ରଥ ୨୭.୧୦.୨୦୨୩ରେ ଦାୟିତ୍ୱ ନେଇ ୧୦.୧୨.୨୦୨୩ ଯାଏ ରହିଥିଲେ। ଏହା ପରେ ନବରଙ୍ଗପୁର ଜିଲ୍ଲାପାଳ ତେନ୍ତୁଳିଖୁଣ୍ଟି ତହସିଲରୁ ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେନିଆଙ୍କୁ ଉମରକୋଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଭାବରେ ନିଯୁକ୍ତି ଦେଇଥିଲେ। ପୁଣି ଏବେ ମାସେ ହେଲା ପୁରୁଷୋତ୍ତମ ବେନିଆଙ୍କୁ ହଟାଇ ଉମରକୋଟ ବିଡିଓଙ୍କୁ ପୁନର୍ବାର ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି। ୫ ମାସରେ ୩ ନିର୍ବାହୀ ଅଧିକାରୀ ଭାବରେ ଦାୟିତ୍ୱ ନେଲେଣି। ୨୭ଟି ପଞ୍ଚାୟତକୁ ନେଇ ଗଠନ ହୋଇଥିବା ଉମରକୋଟ ବ୍ଲକରେ କାର୍ଯ୍ୟଭାର ବଢ଼ି ଚାଲୁଥିବାବେଳେ ବିଡିଓଙ୍କୁ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱ ଦେବା କେତେଦୂର ଯୁକ୍ତିସଙ୍ଗତ ବୋଲି ସାଧାରଣରେ ଆଲୋଚନା ହେଉଛି।




୧୪ଟି ୱାର୍ଡ ବିଶିଷ୍ଟ ଉମରକୋଟ ସହରରେ ପ୍ରାୟ ୩୦ହଜାର ଜନସଂଖ୍ୟା ଥିବାବେଳେ ନିୟମିତ ନିର୍ବାହୀ ଅଧିକାରୀ ନ ଥିବାରୁ ଏଠାକାର ପରିମଳ ପରିଚାଳନା ସଠିକ୍ ହେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ନିୟମିତ ନିର୍ବାହୀ ଅଧିକାରୀ ନ ଥିଲେ ଉନ୍ନୟନ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମଧ୍ୟ ଚର୍ଚ୍ଚା ହେଉଛି। ତା' ସହ ଉନ୍ନୟନମୂଳକ କାର୍ଯ୍ୟ କରୁଥିବା ଠିକାଦାରମାନେ କାର୍ଯ୍ୟ କରି ବିଲ୍ ନ ପାଇ ହଇରାଣ ହେଉଛନ୍ତି। ଥରେ ଅଧିକାରୀ ବଦଳି ହେଲେ ନୂଆ ଜଣଙ୍କୁ ଆର୍ଥିକ କ୍ଷମତା ଆସିବା ପାଇଁ ୧୫ ଦିନ ଲାଗୁଛି। ନିର୍ବାହୀ ଅଧିକାରୀ ନ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ଦ୍ରୁତଗତିରେ ହୋଇପାରୁନି। ରାଜ୍ୟ ସରକାର ଯୋଜନା ଘୋଷଣା କରି ଚାଲିଥିବାବେଳେ ଏହା କର୍ଯ୍ୟକାରୀ କରିବା ପାଇଁ ନିୟମିତ ନିର୍ବାହୀ ଅଧିକାରୀଙ୍କ ନିଯୁକ୍ତି ଗୁରୁତ୍ୱ ବହନ କରୁଛି। ବିଶେଷ କରି ସାଧାରଣ ଜନତା ତାଙ୍କ ନିଜ ନିଜ ସମସ୍ୟା ନେଇ ପୌର ପରିଷଦକୁ ଗଲାବେଳେ ନିର୍ବାହୀ ଅଧିକାରୀ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ତୁରନ୍ତ ସରକାର ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟରେ ଏକ ନିୟମିତ ନିର୍ବାହୀ ଅଧିକାରୀ ନିଯୁକ୍ତି କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଦଣ୍ଡାବାଡ଼ ଇକୋ ପର୍ଯ୍ୟଟନ ଲୋକାର୍ପିତ



**ବୋରିଗୁମ୍ମା,୧୬ା୩(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଚମ୍ପାପଦର ପଞ୍ଚାୟତସ୍ଥିତ ଦଣ୍ଡାବାଡ଼ ଇକୋ ପର୍ଯ୍ୟଟନ ଓ ଜଳ କ୍ରୀଡ଼ା ଶନିବାର ଲୋକାର୍ପିତ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏହାକୁ ଉଦ୍‌ଘାଟନ କରିବା ସହ ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ଏହାକୁ ଉତ୍ସର୍ଗ କରିଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକର ଉପାନ୍ତ ଅଞ୍ଚଳ ଚମ୍ପାପଦର ପଞ୍ଚାୟତର ଦଣ୍ଡାବାଡ଼ ଇକୋ ପର୍ଯ୍ୟଟନରେ ଏବେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲାର ଅନେକ ମନଲୋଭା ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଦଣ୍ଡାବାଡ଼ ଇକୋ ପର୍ଯ୍ୟଟନ ଓ ଜଳକ୍ରୀଡ଼ା ପର୍ଯ୍ୟଟନସ୍ଥଳୀ ଅନ୍ୟତମ। ପ୍ରକୃତି ପରିବେଶ ସହ ମୁରାନ ଜଳଭଣ୍ଡାରର ହୃଦୟସ୍ପର୍ଶୀ ଦୃଶ୍ୟ ସହ ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିବା ବିକଶିତ କାରୁକାର୍ଯ୍ୟ ଶହଶହ କୋଷରୁ ପର୍ଯ୍ୟଟକଙ୍କୁ ଟାଣି ଆଣିବାରେ ସକ୍ଷମ ହେବ ବୋଲି ବିଧାୟକ କହିଛନ୍ତି। ଏହି ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା କରାଯାଇଛି। ପର୍ଯ୍ୟଟକଙ୍କ ରାତ୍ରି ରହିବା ପାଇଁ ୭ଟି ସୁନ୍ଦର କଟେଜ୍ ବ୍ୟବସ୍ଥା କରାଯାଇଥିବାବେଳେ ଖାଇବା ପାଇଁ କ୍ୟାଣ୍ଟିନ ବ୍ୟବସ୍ଥା ଓ ସାମୂହିକ ଖାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତାସହିତ ସମ୍ପୂର୍ଣ୍ଣ ସବୁଜିମା ଜଙ୍ଗଲ ଦେଖିବା ପାଇଁ ସ୍ୱତନ୍ତ୍ର ଟୟ ଟ୍ରେନ୍ ବ୍ୟବସ୍ଥା କରାଯାଇଛି। ପିଲା ଓ ବୟସ୍କମାନଙ୍କ ପାଇଁ ଅଲଗା ଅଲଗା ସ୍ୱିମିଂପୁଲ୍, ଶିଶୁଉଦ୍ୟାନ, ପାର୍କ, ଜଳକ୍ରୀଡ଼ା ପାଇଁ ପାୱାର ବୋଟର ସୁବିଧା ଉପଲବ୍ଧ ରହିଛି। ପର୍ଯ୍ୟଟକମାନଙ୍କ ଆବଶ୍ୟକ ସୁବିଧା ପାଇଁ ପାନୀୟ ଜଳ, ଆଲୋକର ବ୍ୟବସ୍ଥା, ପାର୍କିଂର ସୁବିଧା, ଶୌଚାଳୟ ଓ ଭେଣ୍ଡିଂଜୋନ୍ ଇତ୍ୟାଦି ନିର୍ମାଣ ହୋଇଛି। ପାଣି ଭିତରେ ବୋଟ ମାଧ୍ୟମରେ ଟିକେ ଆଗକୁ ଗଲେ ଝରଣା ଏବଂ ଧଳା ଚକଚକ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତି ରହିଛି। ଏହାର ଚାରିପାଖକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। ପର୍ଯ୍ୟଟନସ୍ଥଳରେ ସମ୍ପୃକ୍ତ ଅଞ୍ଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନିଜ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କରି ରୋଜଗାର କ୍ଷମ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଇକୋ-ଟୁରିଜିୟମ ପାଇଁ ଏମଜିଏନଆରଇଜିଏ, ଏସଏଫସି, ଜିଆଇଏ (ଇନଭେଟିବ ପ୍ରାକ୍ଟିସ), ନାଲ୍‌କୋ ଏସଡିଏଫ ଏବଂ ବ୍ଲକର ଫଣ୍ଡ ମିଶି ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ମିଶନଶକ୍ତି ମହିଳାଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ବ୍ଲକ ଏଇ ସତ୍ୟନାରାୟଣ ସେଠୀ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟା ସମରଥ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ଦିପ୍ତିମୟୀ ନାୟକ, ଉପାଧକ୍ଷ ରାଧାକାନ୍ତ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ, ସରପଞ୍ଚ ରାଇମତି ମୁଦୁଲି, ସମିତିସଭ୍ୟ ଦିବାନ ହରିଜନ, ବ୍ଲକ ଏଇ ସତ୍ୟନାରାୟଣ ସେଠୀଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଜଣେ ମୃତ

**ଡାବୁଗାଁ,୧୬ା୩(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ବଡ଼କୋଇଲାରି ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ ଖୁଣ୍ଟରୁ ପଡ଼ି ଜଣଙ୍କର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଡାବୁଗାଁ ବ୍ଲକ୍ ଅଧୀନ ବଡ଼କୋଇଲାରି ଗ୍ରାମର ସନସାଏ ଗୌଡ଼ (୩୫) ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣରୁ ବିଦ୍ୟୁତ ଖୁଣ୍ଟରେ ଚଢ଼ିଥିଲେ। ଗୋଡ଼ ଖସିଯିବାରୁ ଖୁଣ୍ଟରୁ ତଳେ ପଡ଼ିଯାଇ ଆହତ ହୋଇଥିଲେ। ପରିବାର ଲୋକେ ରାତିରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅଂଶୁମାନ ଦାଶ ମୃତ୍ୟୁ ଘଟିବା ନେଇ ଏକ ରିପୋର୍ଟ ଦେଇଥିଲେ। ଡାକ୍ତରଙ୍କ ରିପୋର୍ଟ ଅନୁସାରେ ଥାନା ଏଏସଆଇ ଚନ୍ଦ୍ରଶେଖର ହଜାରୀ ଶନିବାର ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପରିବାରର କୌଣସି ବ୍ୟକ୍ତି ଥାନାରେ ଏତଲା ଦେଇନାହାନ୍ତି। ପୁଲିସ ନିଜଆଡୁ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ମୁସ୍‌ଲିମ୍ ଭାଇମାନଙ୍କୁ ଇଫ୍‌ତାର୍ ଦେଲେ ବିଜେଡି ଯୁଗ୍ମ ସମ୍ପାଦକ

**କୋରାପୁଟ,୧୬ା୩(ସମିସ):** ରମଜାନ ମାସରେ ମୁସଲିମ ସମ୍ପ୍ରଦାୟର ବ୍ୟକ୍ତିମାନେ ରୋଜା ବା ଉପବାସ କରୁଥିଲେ। ରୋଜା ଖୋଲିବା ପୂର୍ବରୁ ଇଫତାର ପାଇଁ ସମସ୍ତେ ଏକତ୍ରିତ ହୋଇଥିଲେ। କୋରାପୁଟ ସହର ପୁଚିଲାସାହି ସ୍ଥିତ ମସଜିଦରେ ସମସ୍ତେ ଏକତ୍ରିତ ହୋଇ ଇଫତାର ପାଳନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ମସଜିଦରେ



କୋରାପୁଟ ସହରର ମୁସଲିମ୍ ସମ୍ପ୍ରଦାୟର ଭାଇ, ବୟସ୍କ ଓ ଗୁରୁଜନମାନଙ୍କୁ ଇଫତାର ଦେଇଛନ୍ତି ସହରର ଯୁବ ସମାଜସେବୀ ତଥା ବିଜେଡି ଯୁଗ୍ମ ସମ୍ପାଦକ ଟି. କିରଣ କୁମାର। ଇଫତାରରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯୋଗ ଦେଇଥିବାବେଳେ ସମାଜସେବୀ କିରଣ ବିଭିନ୍ନ ପ୍ରକାର ଖାଦ୍ୟ ଓ ବ୍ୟଞ୍ଜନ ପ୍ରସ୍ତୁତ କରି ସେମାନଙ୍କୁ ପରସିଛନ୍ତି। ଇଫତାର ଖାଇ ସମସ୍ତେ ଆନନ୍ଦ ପ୍ରକାଶ କରିବା ସହ ଉପବାସ ଭାଙ୍ଗିଛନ୍ତି। ତାଙ୍କର ଏହି ମହତ୍ କାମକୁ ସମ୍ପ୍ରଦାୟର ଛୋଟରୁ ବଡ଼ ସମସ୍ତେ ପ୍ରଶଂସା କରିଛନ୍ତି।

### ● ବୋରିଗୁମ୍ମା ଅଞ୍ଚଳରେ ଚୋର ଆତଙ୍କ

## ୨ ମୋବାଇଲ୍ ସହ ଦୋକାନରୁ ଟଙ୍କା ଚୋରି




**ବୋରିଗୁମ୍ମା,୧୬ା୩(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଞ୍ଚଳରେ ଦିନକୁ ଦିନ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ଘଟିବାରେ ଲାଗିଛି। ଶୁକ୍ରବାର ରାତିରେ ଚୋରମାନେ ୨୬ନଂ ନବରଙ୍ଗପୁର ଜାତୀୟ ରାଜପଥ ପାର୍ଶ୍ୱରେ ମଞ୍ଜିତ ସିଂ ନାମକ ଜଣେ ବ୍ୟବସାୟୀଙ୍କ ଦୋକାନର ସଟର ଭାଙ୍ଗି ଦୋକାନ ଓ ପଛପଟ ନିଜ ବାସଭବନର ତାଲା ଭାଙ୍ଗି ୨ ମୋବାଇଲ୍ ସହ ଆନୁମାନିକ ଲକ୍ଷେ ଟଙ୍କା ଚୋରି କରି ନେଇଯାଇଛନ୍ତି। ଖବର ପାଇ, ବୋରିଗୁମ୍ମାର ପୁଲିସ ସହ କୋରାପୁଟ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି। ତେବେ ରାତ୍ରିକାଳୀନ ପାଟ୍ରୋଲିଂ ହେଉଥିଲେ ମଧ୍ୟ ପୁଲିସ ଆଖିରେ ଧୂଳି ଦେଇ ରାଜପଥ ପାର୍ଶ୍ୱରେ ଏଭଳି ଚୋରି କରିବା ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି।

## ପାଠପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟମୁହାଁ କରିବାକୁ ସଚେତନତା

**ସୁନାବେଡ଼ା,୧୬ା୩(ସମିସ):** ଶୁକ୍ରବାର କାକିଜଡ଼ାଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ବେହେରା ଅଧାରୁ ପଠପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ମୁହାଁ କରାଇବାକୁ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଅଧାରୁ ପାଠପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀଙ୍କ ବିଷୟରେ ସର୍ଭେ କରି ସେମାନଙ୍କ ଅଭିଭାବକ ସହ ସାକ୍ଷାତ କରିବା ସହ ପିଲାମାନଙ୍କ ପାଠପଢ଼ିବାର ଆବଶ୍ୟକତା ଓ ଗୁରୁତ୍ୱ ବିଷୟରେ ବୁଝାଇବା ସହ ପାଠପଢ଼ା ବନ୍ଦର କରିବାର କାରଣ ପଚାରି ବୁଝିଥିଲେ। ଜଡ଼ାଗୁଡ଼ା, ମାଳିଗୁଡ଼ା, କଳାହାଣ୍ଡି କଲୋନୀରେ ସେ ଏନେଇ ସର୍ଭେ କରିଥିବା ସୂଚନା ମିଳିଛି। ସର୍ଭେରୁ ୧୨ ଜଣ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ା ଛାଡ଼ିଥିବା ଜଣାପଡ଼ିଥିବାବେଳେ ସେଥିମଧ୍ୟରେ ୨ ପୁଅ ଓ ୧୦ ଝିଅ ଅଛନ୍ତି। ସେମାନଙ୍କ ଅଭିଭାବକଙ୍କୁ ବୁଝାଇ ଏହି ମାସ ଶେଷରେ ନାମ ଲେଖିବାକୁ ସେ କହିଛନ୍ତି। ସାଧନକର୍ମୀ ସ୍ନେହଲତା ଦାଶ କାକିଜଡ଼ାଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ବେହେରାଙ୍କ ସହିତ ବୁଲି ତାଙ୍କୁ ସହଯୋଗ କରିଥିଲେ।



## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋଷାଗୁମୁଡ଼ା,୧୬ା୩(ସମିସ):** ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଅଧୀନ କୋକୋଡ଼ ସେମଲା ପଞ୍ଚାୟତର ସେମଲା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କୈଳାସ ସରାଗୁ(୩୯)। ସୂଚନାନୁଯାୟୀ, ଶୁକ୍ରବାର ସକାଳେ କୈଳାସ ଶୌଚ ହେବାପାଇଁ ଗାଁ ନିକଟ ଖେଳପଡ଼ିଆର କାଜୁବାଡ଼ିକୁ ଯାଇ ସେଠାରୁ ଆଉ ଫେରି ନ ଥିଲେ। ପରେ କୈଳାସଙ୍କ ବାପା ରାଧାକାନ୍ତ ସରାବୁ ତାଙ୍କୁ ଖୋଜିଖୋଜି କରିବାବେଳେ କାଜୁ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ପରେ ସେ କୋଡ଼ିଙ୍ଗା ଥାନାରେ ଏତଲା ଦେଇଥିବାବେଳେ ଏକ ଅପମୃତ୍ୟୁ ମାମଲା(୩/୨୪) ରୁଜୁ କରି ମୃତଦେହକୁ ଜବତ କରାଯାଇଥିଲା। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା କୋଡ଼ିଙ୍ଗା ଥାନା ଏଏସଆଇ ହମିତ ମାଝି ସୂଚନା ଦେଇଛନ୍ତି।

## ପୁଲିଂ ଓ ପ୍ରିଜାଇଡିଂ ଅଫିସରଙ୍କ ତାଲିମ ଶିବିର ଉଦ୍‌ଯାପିତ



**ନନ୍ଦପୁର,୧୬ା୩(ସମିସ):** ପଟାଙ୍ଗି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନନ୍ଦପୁର ବ୍ଲକରେ ଗୁରୁବାର ପୁଲିଂ ଓ ପ୍ରିଜାଇଡିଂ ଅଫିସରମାନଙ୍କ ତିନିଦିନିଆ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ମୋଟ ଦୁଇ ଶହ ଜଣ ପୁଲିଂ ଓ ପ୍ରିଜାଇଡିଂ ଅଫିସରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମିଶନ ଶକ୍ତି ସଭା ଗୃହ ଓ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଥିଲା। ତିନୋଟି ଗ୍ରୁପରେ ମୋଟ ଦୁଇଶହ ଜଣଙ୍କୁ ନିର୍ବାଚନରେ ଭୋଟ ପ୍ରଣାଳୀ ଉପରେ ସମସ୍ତ ପ୍ରକାର ବିଷୟରେ ତାଲିମ୍ ଦିଆଯାଇଥିଲା। ତାଲିମ ଶିବିରରେ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ମାଷ୍ଟର ଟ୍ରେନର ଡବ୍ଲ୍ୟୁଇଓ ସୁବ୍ରତ କୁମାର ପରିଡ଼ା, ବେଦାନ୍ତ କୁମାର ମାଝୀ, ବ୍ଲକ୍ ଶିକ୍ଷା ଅଧିକାରୀ ଭବାନୀ ଶଙ୍କର ପଟ୍ଟନାୟକ, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଦିବ୍ୟରଞ୍ଜ ବିଶ୍ୱାଳ, ଏବିଇଓ ଗୁରୁନାଥ ମାଝୀ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ପରେ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଭାବେ ନନ୍ଦପୁର ବ୍ଲକ୍ ବିଡିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର ଅନାଦୀ ଚରଣ ସାହୁ ତାଲିମ୍ ପରେ ପୁଲିଂ ଅଫିସର ଓ ପ୍ରିଜାଇଡିଂ ଅଫିସରମାନଙ୍କ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ସେମିଲିଗୁଡ଼ା ତହସିଲଦାର୍ ଦେବବ୍ରତ କରାଟେ ଉପସ୍ଥିତ ରହି ତଦାରଖ କରିଥିଲେ। ଶିବିରରେ ଏଇଇ ଯଶକେତନ ବେହେରା, ବିପିଏମ୍ ବିଚିତ୍ର କୁମାର ରାଉତ, ଜେଇ ଉମାକାନ୍ତ ମହାନ୍ତି, ପାତ୍ର ବାବୁ ଓ ବିଷ୍ଣୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଦୁଇଶହ ଜଣ ତାଲିମ୍ ନେଇଥିବା ବେଳେ ତିନିଦିନ ମଧ୍ୟରେ ମୋଟ ଛଅ ଶହ ଜଣ ପୁଲିଂ ଅଫିସର ଓ ପ୍ରିଜାଇଡିଂ ଅଫିସରମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା।

# ଲକ୍ଷ୍ମୀପଣ୍ଡା ଛକରୁ ପଞ୍ଚାନନ ଛକ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ

**ଜୟପୁର,୧୬ା୩(ସମିସ)**



କୋରାପୁଟ ଜିଲ୍ଲା ଜୟପୁର ସହରର ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସହରର ଚାରିପାଖ ରାସ୍ତାଗୁଡ଼ିକର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଜୟନଗର ରାସ୍ତାର ଲକ୍ଷ୍ମୀପଣ୍ଡା ଛକଠାରୁ ଜୟନଗର ଦେଇ ପଞ୍ଚାନନ ମନ୍ଦିରଛକ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ୨୦୦ମିଟର ରାସ୍ତାକୁ ୪ ଲାଇନ କରିବା ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ରାସ୍ତା ନିର୍ମାଣ ପାଇଁ ୧୩ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିବାବେଳେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଯାଇଛି। ଶନିବାର ଠିକାସଂସ୍ଥା ପକ୍ଷରୁ ରାସ୍ତାର ପାର୍ଶ୍ୱବର୍ତ୍ତୀ ଜମି ସଫେଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ରାସ୍ତା ୭୫ ଫୁଟ ଓସାରର ହୋଇଥିବାବେଳେ ଏହି ୪ ଲାଇନ ରାସ୍ତା ନିର୍ମାଣ ହେଲେ ଜୟପୁର ସହରର ଟ୍ରାଫିକ ନିୟନ୍ତ୍ରଣ ହୋଇପାରିବ। ଆସନ୍ତା ୬ ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ କରାଯିବ। ସୂଚନାନୁଯାୟୀ, ଏହିରାସ୍ତା ନିର୍ମାଣ ଦାୟିତ୍ୱରେ ରାସ୍ତା ଓ ଗୃହ ନିର୍ମାଣ, ଟାଟା ପାୱାର ବିଦ୍ୟୁତ ବିଭାଗ, ରାଜସ୍ୱ ବିଭାଗ ଏବଂ ସାଧାରଣ ସରକାରୀ ବିଦ୍ୟୁତ ବିଭାଗ ପକ୍ଷରୁ ମିଳିତ ମାପଚୁପ ଓ ଯାଞ୍ଚ ଗତ ବୁଧବାର କରାଯାଇଥିଲା। ଗୁରୁବାର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜୟପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ବେହେରା ସୂଚନା ଦେଇଥିଲେ। କିନ୍ତୁ ଦୁଇଦିନ ବିଳମ୍ବ ହେଲେ ସୁଦ୍ଧା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। କିନ୍ତୁ ରାସ୍ତା ଉଭୟପଟେ ଜବରଦଖଲ ଉଚ୍ଛେଦକୁ ନେଇ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଥିବା ଯୋଗୁଁ ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି। ସେହିପରି ଗାନ୍ଧୀଛକ ୨୬ ନମ୍ବର ଜାତୀୟ ରାଜପଥରୁ ବାଇପାସ୍ ରୋଡ୍ ଭାବେ କୋଲାବ ଇରିଗେସନ ବିଭାଗ ପକ୍ଷରୁ ଗାନ୍ଧୀଛକରୁ ଡଙ୍ଗାଗୁଡ଼ା, ପାରାବେଡ଼ା, ଇରିଗେସନ କଲୋନୀ ପଛପାଖ କେନାଲ ରାସ୍ତା ଦେଇ ଜୟପୁର ତେଲିଗୁଡ଼ା ଛକ ୨୬ ନମ୍ବର ଜାତୀୟ ରାଜପଥ ସଂଯୋଗ କରିବ। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଫଳରେ ଉଭୟ ରାସ୍ତା ନିର୍ମାଣ ହେଲେ ରିଂରୋଡ୍ ଭାବେ ବ୍ୟବହୃତ ହୋଇପାରିବ ବୋଲି କହିଛନ୍ତି।

## ଗଞ୍ଜେଇ ଚାଲାଣ ମାମଲା; ଫେରାର୍ ଅଭିଯୁକ୍ତ ଗିରଫ



**ସୁନାବେଡ଼ା/ଦାମନଯୋଡ଼ି, ୧୬ା୩(ସମିସ):** କୋରାପୁଟ ଜିଲ୍ଲା ଦାମନଯୋଡ଼ି ଥାନା ଅଧୀନସ୍ଥ ମାଥାଲପୁଟ ନିକଟରେ ୨୦୨୧ ଅକ୍ଟୋବର ୨୯ରେ ଜବତ ହୋଇଥିବା ଗଞ୍ଜେଇ ଚାଲାଣ ମାମଲାରେ ଫେରାର ଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ସୁନ୍ଦରଗଡ଼ ଜିଲ୍ଲାର ଘନଶ୍ୟାମ ମାଝୀ ବୋଲି ଜଣାପଡ଼ିଛି।

ସୂଚନାପ୍ରକାରେ, ୨୦୨୧ ଅକ୍ଟୋବର ୨୯ରେ ପାଟ୍ରୋଲିଂ କରୁଥିବା ସମୟରେ ରାତି ୮ଟା ୩୦ ମିନିଟ୍ ସମୟରେ ମାଥାଲପୁଟ ନିକଟରେ ହଠାତ୍ ଏକ ମାରୁତି ଗାଡ଼ି ଖରାପ ହେବା ଯୋଗୁଁ ରହିଯାଇଥିଲା। ଗାଡ଼ି ଭିତରୁ ଦୁଇ ଜଣ ଅଜଣା ବ୍ୟକ୍ତି ବାହାରି ସ୍ଥାନ ଛାଡ଼ି ଦୌଡ଼ି ପଳାଇ ଯାଇଥିଲେ। କିଛି ସ୍ଥାନୀୟ ଲୋକ ଏହି ଘଟଣା ଦେଖି ସେମାନଙ୍କୁ ସନ୍ଦେହ ହେବାରୁ ସେମାନେ ଥାନାରେ ଖବର ଦେଇଥିଲେ। ଦାମନଯୋଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଯାଞ୍ଚ କରିଥିଲେ। ଯାଞ୍ଚବେଳେ କିଛି ଟଙ୍କା ଏବଂ ୧୯.୯ କିଲୋଗ୍ରାମ ଗଞ୍ଜେଇ ଉଦ୍ଧାର କରି ଗାଡ଼ିଟିକୁ ଜବତ କରିଥିଲେ। ତଦନ୍ତରୁ ଗାଡ଼ିଟି ସୁନ୍ଦରଗଡ଼ର ଥିଲା ବୋଲି ଜଣାପଡ଼ିଥିଲା। ଏହାପରେ ସୁନାବେଡ଼ା ଏସଡିପିଓ, ମନୋବ୍ରତା ଶତପଥି, ଅନ୍ୟାନ୍ୟ ପୁଲିସ କର୍ମୀଙ୍କ ସହ ସୁନ୍ଦରଗଡ଼ ଜିଲ୍ଲାର ବାଙ୍ଗୁରୁଗୁଡ଼ା ଗ୍ରାମରେ ପହଞ୍ଚି ଗାଡ଼ି ମାଲିକ ତ୍ରିଲୋଚନ ମାଝୀଙ୍କ ଘରେ ଚଢ଼ଉ କରିଥିଲେ। ପୁଲିସ ପଚରାଉଚରାବେଳେ ଜଣାପଡ଼ିଥିଲା ଯେ, କୋରାପୁଟ ଜିଲ୍ଲାର ସାନଘୁମାଣ୍ଡି ଗ୍ରାମର ଘନଶ୍ୟାମ ମାଝୀଠାରୁ ତ୍ରିଲୋଚନ ମାଝୀ ୨ ଲକ୍ଷ ଟଙ୍କା ଆଣି ଉକ୍ତ କାର୍ କିଣିଥିଲେ। ଠିକ୍ ସମୟରେ ସେ ଟଙ୍କା ଫେରସ୍ତ କରିପାରି ନ ଥିବା ଯୋଗୁଁ ଘନଶ୍ୟାମ ମାଝୀ ଜୋର୍ ଜବରଦସ୍ତ କରି ଗାଡ଼ି ନେଇଯାଇଥିଲେ ଏବଂ ନିଜର ଜଣେ ସହଯୋଗୀ ଘଂସୁ ଓରଫ ପ୍ରକାଶ ସାହୁଙ୍କ ସହ ମିଶି ଗଞ୍ଜେଇ ଚୋରା ଚାଲାଣରେ ଉକ୍ତ କାରକୁ ବ୍ୟବହାର କରୁଥିଲେ। ଏହି ତଥ୍ୟ ଜାଣିବା ପରେ ଏସଡିପିଓ ସଦଳବଳେ ସାନଘୁମାଣ୍ଡି ଗ୍ରାମରେ ପହଞ୍ଚି ଘନଶ୍ୟାମ ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଘନଶ୍ୟାମଙ୍କ ସହଯୋଗୀ ପ୍ରକାଶ ସାହୁ ଫେରାର୍ ଥିବା ଜଣାଯାଇଛି।

ସକାଳ THE SAKALA



## ଗୁଡ଼ାରୀ ଜାଗରଣ ଅନୁଷ୍ଠାନର ସମ୍ପାଦକଙ୍କ ପରଲୋକ



**ଗୁଡ଼ାରୀ,୧୬।୩(ସମିସ):** ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ସ୍ଥିତ ଜାଗରଣ ନାମକ ଏନଜିଓ ସଂସ୍ଥାର ପ୍ରତିଷ୍ଠାତା ବୃନ୍ଦାବନ ଜେନାଙ୍କର ୭୮ ବର୍ଷ ବୟସରେ ଜୟପୁର ସ୍ଥିତ ବାସଗୃହରେ ଗତ ଶୁକ୍ରବାର ଦେହାନ୍ତ ହୋଇଯାଇଛି। ନିଜ ଭିଟାମାଟି ଯାଜପୁରକୁ ଛାଡ଼ି ଦୀର୍ଘ ୪୦ ବର୍ଷ ଧରି ଗୁଡ଼ାରୀ ମାଟିରେ ନିଜର ଜୀବନ ଅତିବାହିତ କରିଥିଲେ। ସେ ଜଣେ ପରୋପକାରୀ, ମେଳାପି ତଥା ନମ୍ର, ଶାନ୍ତଶିଷ୍ଟ ବ୍ୟକ୍ତି ବିଶେଷ ଥିଲେ। ଗୁଡାରୀ ଜାଗରଣ କାର୍ଯ୍ୟାଳୟରେ ସ୍ୱର୍ଗତ ଜେନା ସମ୍ପାଦକ ଭାବେ ଦୀର୍ଘ ୨୨ ବର୍ଷ ଧରି କାର୍ଯ୍ୟ ତୁଲାଇ ଆସୁଥିଲେ। ନିଜ ଦକ୍ଷତା, କଠିନ ପରିଶ୍ରମ ବଳରେ ଆଜି ବ୍ଲକର ବହୁ ଜନଜାତି ଲୋକଙ୍କୁ ସେ ଆତ୍ମନିର୍ଭରଶୀଳ କରିପାରିଛନ୍ତି। ଗତ କିଛି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ଯୋଗୁଁ ଜୟପୁରରେ ରହୁଥିବା ନିଜ ପୁଅଙ୍କ ଘରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଗୁଡ଼ାରୀ ସହରରେ ଏକ ପ୍ରକାରର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗୁଡ଼ାରୀର ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରିଛନ୍ତି।

### ଦୁର୍ଗମ ଅଞ୍ଚଳରେ 'ମନରେଗା'ର ବାସ୍ତବ ଚିତ୍ର

# ମାଷ୍ଟର ରୋଲ୍ ନାହିଁ କି ଫଳକ ନାହିଁ; କାମ ସାରି ଦେଉଛନ୍ତି ଠିକାଦାର

**ମୋଟୁ,୧୬।୩(ସମିସ)**

ଗରିବ ଓ ଅସହାୟଙ୍କୁ ବାର୍ଷିକ ଶହେ ଦିନ ରୋଜଗାର ଯୋଗାଇ ଦେବାକୁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି 'ମନରେଗା' ଭଳି ମହତ୍ ଯୋଜନା କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରୁ ଦାଦନମୁକ୍ତ ସହ ସେଠାକାର ବିକାଶରେ ଲୋକଙ୍କ ସମ୍ପୃକ୍ତି ମଧ୍ୟ ଏହି ଯୋଜନାକୁ ସମୃଦ୍ଧ କରିଥାଏ। ତେବେ ଏଭଳି ଏକ ମହତ୍ ଯୋଜନାକୁ ସଫଳ କରିବା ବଦଳରେ ଅର୍ଥର ଲାଳସାରେ ଲୋକଙ୍କୁ ନେଇ କାମ କରାଇବା ପରିବର୍ତ୍ତେ କିଛି ଠିକାଦାରଙ୍କ ସହଯୋଗରେ ମେସିନ ଲଗାଇ ପ୍ରକଳ୍ପଗୁଡ଼ିକୁ ଚଟାପଟ ସାରି ଦେଉଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ ଦୁର୍ଗମ ଅଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଦେଖି ପଞ୍ଚାୟତ ଓ ବ୍ଲକ କର୍ମଚାରୀଙ୍କ ଇଙ୍ଗିତରେ ସମ୍ପୃକ୍ତ ଅଞ୍ଚଳର ଠିକାଦାରଙ୍କୁ ନେଇ ଏଭଳି କାର୍ଯ୍ୟ କରାଯାଉଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ପୁଷ୍ପୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ସୁନାବେଡ଼ାଠାରେ।

ସୂଚନା ମୁତାବକ ୨୦୨୩-୨୪ ଆର୍ଥିକ ବର୍ଷରେ 'ମନରେଗା' ଯୋଜନାରେ ଏହି ପଞ୍ଚାୟତର ସୁନାବେଡ଼ାଠାରୁ ମାରଶାଲଗୁଡ଼ା ପର୍ଯ୍ୟନ୍ତ ନୂତନ ଭାବେ ମାଟି ରାସ୍ତା ନିର୍ମାଣ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ କାର୍ଯ୍ୟ କୋଡ୍ ୨୪୩୧୦୧୪୦୦୮/ଆରସି/୧୦୫୬୩୩୧୬ କ୍ରମେ ଏହି କାମକୁ ଅନୁମୋଦନ କରାଯାଇଛି। ତେବେ ମାତ୍ର କେଇଟା ଦିନ ମଧ୍ୟରେ ତରବରିଆ ଭାବେ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାରଙ୍କ ସହଯୋଗରେ ମେସିନ୍ ଯୋଗେ ଏହି ରାସ୍ତା ନିର୍ମାଣ କାମ କରାଯାଇଛି। କାମ ଆରମ୍ଭ ପୂର୍ବରୁ ସେଠାରେ ଫଳକ ସ୍ଥାପନ କରିବାକୁ ମଧ୍ୟ ବିଭାଗ ଭୁଲିଯାଇଥିବା



ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ଲୋକଙ୍କୁ ପଚାରିବାରୁ ସେମାନେ ଏହି କାମ ମନରେଗାରେ ହୋଇଥିବା ଶୁଣିବାକୁ ପାଇଥିଲେ ମଧ୍ୟ କାର୍ଯ୍ୟ ପୂର୍ବରୁ କୌଣସି ବୈଠକ କିମ୍ବା ଡିମାଣ୍ଡ ମଧ୍ୟ ଗ୍ରହଣ କରାଯାଇନଥିବା କହିଥିଲେ। ଏନେଇ ପୁଷ୍ପୁଗୁଡ଼ା ପଞ୍ଚାୟତର ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଏହି କାର୍ଯ୍ୟ ବାବଦରେ ଅବଗତ ନଥିବା କହିଛନ୍ତି। ଅନ୍ୟପଟେ ଘଞ୍ଚ ଜଙ୍ଗଲ ଭରା ଏହି ଅଞ୍ଚଳରେ ମାତ୍ର କେଇଟା ଦିନରେ ବିଭାଗର ଅଜାଣତରେ ଏଭଳି ରାସ୍ତା ନିର୍ମାଣ କିଏ ଓ କେଉଁ ସ୍ୱାର୍ଥ ରଖି ନିର୍ମାଣ କରିଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ ଏହା ବିଭାଗ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାର ଏକ ଜ୍ୱଳନ୍ତ ନମୁନା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ଠିକାଦାରଙ୍କ ଦ୍ୱାରା ଏହି ନିର୍ମାଣ କାର୍ଯ୍ୟ ସାରିବା ପରେ ଏକ ଅବୈଧାନିକ ପ୍ରକ୍ରିୟା ମାଧ୍ୟମରେ ପ୍ରକଳ୍ପର ଅର୍ଥରାଶି ଲୋକଙ୍କ ଆକାଉଣ୍ଟକୁ ଛାଡ଼ି ପୁଣି ଠିକାଦାର ସେହି ଅର୍ଥକୁ ଉଠାଉଥିବା ନେଇ ସ୍ଥାନୀୟ ଅଞ୍ଚଳର କିଛି ଲୋକ ନିଜ ନାମକୁ ଗୁପ୍ତରେ ରଖି କହିଛନ୍ତି। ମନରେଗା ଭଳି ମହତ୍ ଯୋଜନାରେ ଏଭଳି ବ୍ୟବସ୍ଥା ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ଦୈନିକ ମଜୁରୀରୁ ବଞ୍ଚିତ କରିବା ସହ ଦାଦନ ଶ୍ରମିକ ସୃଷ୍ଟି କରୁଥିବା ବୁଦ୍ଧିଜୀବୀ ମହଲରେ କୁହାଯାଇଛି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ମନରେଗା ପ୍ରକଳ୍ପରେ ହେଉଥିବା ବଡ଼ ଧରଣର ହେରଫେରର ପର୍ଦ୍ଦାଫାସ ହେବ ବୋଲି ସାଧାରଣରେ କୁହାଯାଇଛି।

## ଜନଜାତି ଜୀବିକା ସାଥୀଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ

**ମାଲକାନଗିରି,୧୬।୩(ସମିସ):** ମାଲକାନଗିରି ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ଓଟିଇଏଲପି ସଭାଗୃହରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୭୦ରୁ ଊର୍ଦ୍ଧ୍ୱ ଜନଜାତି ଜୀବିକା ସାଥୀଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜନଜାତି ଜୀବିକା ସାଥୀଙ୍କ ଉତ୍ତମ ଗୁଣ, କୃଷି ଭିତ୍ତିକ କାର୍ଯ୍ୟକ୍ରମ, ଚାଷ ସମ୍ବନ୍ଧୀୟ ସମୃଦ୍ଧଜ୍ଞାନ, ନିଜ ଅଞ୍ଚଳର ବିକାଶ ପାଇଁ ସ୍ଥାନୀୟ ସମ୍ପ୍ରଦାୟଙ୍କ ସହିତ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଦକ୍ଷତା ଥିବା ବ୍ୟକ୍ତିଙ୍କୁ ଚିହ୍ନଟ, ଅଞ୍ଚଳର ବିକାଶ ପାଇଁ ପର୍ଯ୍ୟାପ୍ତ ସମୟ ଉତ୍ସର୍ଗ କରୁଥିବା ଆଗ୍ରହୀ ବ୍ୟକ୍ତିଙ୍କୁ ଚିହ୍ନଟ, ସମ୍ପ୍ରଦାୟସ୍ତରରେ ସମ୍ପ୍ରଦାୟର ଦ୍ୱନ୍ଦ୍ୱ ଓ କଳହ ସମାଧାନର କ୍ଷମତା ଥିବା ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣିବା, ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଭା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଆୟୋଜନ କରିବା ଅଭ୍ୟାସ ଥିବା ବ୍ୟକ୍ତି, ସମସ୍ତ ନଥିପତ୍ରକୁ ଅଦ୍ୟତନ ରଖୁଥିବା ବ୍ୟକ୍ତି, ଜନଜାତି ଜୀବିକା ସାଥୀଙ୍କ ଭୂମିକା ଓ ଦାୟିତ୍ୱ, କ୍ଲଷ୍ଟର ଅଞ୍ଚଳର ସମସ୍ତ କୃଷକ ଓ ଅନ୍ୟ ହିତାଧିକାରୀମାନଙ୍କୁ ଜନଜାତି ଜୀବିକା ପରିଷଦରେ ସାମିଲ କରିବା, ନିୟମିତ ମାସିକ ବୈଠକ କରିବା, ବହୁମୁଖୀ କମ୍ୟୁନିଟି କେନ୍ଦ୍ର ଚୟନ ଓ ଯୋଜନା ପ୍ରସ୍ତୁତି କରିବା, କୃଷି ଋତୁକୁ ଭିତ୍ତିକରି ବାର୍ଷିକ ଫସଲ ଯୋଜନା କରିବା, ଜଳସେଚନ ଓ ଉତ୍ସ ସୃଷ୍ଟି କରିବା, ପଶୁପାଳନ ବିକାଶ ଯୋଜନା ପ୍ରସ୍ତୁତ କରିବା, ଯୁବ ଉଦ୍ୟୋଗୀ ଚୟନ ଓ ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା, ଅନ୍ୟ ସବୁ ସରକାରୀ ବିଭାଗ ସହ ସମନ୍ୱୟ ରକ୍ଷା କରି ଯୋଜନାଗୁଡ଼ିକୁ କିପରି କାର୍ଯ୍ୟକାରୀ କରାଯିବ ସେ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗନ୍ନାଥ ଖିଲ, ବିଶ୍ୱନାଥ ମିଶ୍ର, ପ୍ରକଳ୍ପ ମ୍ୟାନେଜର, ପ୍ରଗତି ପାଣିଗ୍ରାହୀ ପ୍ରମୁଖ ଏହି ତାଲିମ ପ୍ରଦାନ କରିଥିଲେ।



## ବାହାଘର କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇ ଯୁବକଙ୍କ ମୃତ୍ୟୁ

● ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ



**ମାଲକାନଗିରି,୧୬।୩(ସମିସ):** ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଏମଭି ୧୦ ନମ୍ବର ଗ୍ରାମର ସଞ୍ଜୟ ବୈରାଗୀ ନାମକ ଯୁବକଙ୍କୁ ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ସୂଚନାନୁଯାୟୀ, ଗତକାଲି ଏମଭି ୪୧ ଗ୍ରାମରେ ଏକ ବାହାଘରରେ ଯୋଗଦେବାକୁ ସଞ୍ଜୟ ଯାଇଥିବାବେଳେ ସେଠାରେ କୌଣସି ଏକ କାରଣକୁ ନେଇ କିଛି ଯୁବକଙ୍କ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ କିଛି ଲୋକ ସଞ୍ଜୟକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଯେଉଁଥିରେ ସଞ୍ଜୟ ଭୟଭିତ ହୋଇ ପ୍ରାଣ ବଞ୍ଚାଇ ସେଠାରୁ ନିଜ ମଟରସାଇକଲ ଯୋଗେ ଘରକୁ ଫେରୁଥିଲେ। କିନ୍ତୁ ସଞ୍ଜୟକୁ ବାଟରେ ଅଟକାଇ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଜୀବନରୁ ମାରି ଦେଇଛନ୍ତି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାରେ ରାକେଶ ମଜୁମଦାର ନାମକ ଜଣେ ବ୍ୟକ୍ତି ଆହତ ହୋଇଥିବାବେଳେ ସେହି ବ୍ୟକ୍ତି ଜଣଙ୍କ ସଞ୍ଜୟକୁ ଆକ୍ରମଣ କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ବ୍ୟକ୍ତି ଜଣଙ୍କ ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଏନେଇ ସଞ୍ଜୟଙ୍କ ଭାଇ ମରୁତ ଆଜି ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ପହଞ୍ଚି ତଦନ୍ତ କରିବା ସହ ପଚାରାଉଚାର କରୁଥିବା ଜଣାପଡ଼ିଛି।

## ଅନିଲ ସିଂହ ମେମୋରିଆଲ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ରାୟଗଡ଼ା,୧୬।୩(ସମିସ):** ରାୟଗଡ଼ା ଜିଲ୍ଲା ଜେକେପୁରଠାରେ ଅନିଲ ସିଂହ ମେମୋରିଆଲ ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜେକେ ସ୍ପୋର୍ଟସ କ୍ଲବ ଓ ଜେକେ କାଗଜ କଳର ମିଳିତ ସହଯୋଗରେ ଶନିବାର ଉଦଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଜେକେ ସ୍ପୋର୍ଟସ କ୍ଲବ ଖେଳପଡ଼ିଆରେ ଚାଲିବ। ସର୍ବମୋଟ ୧୨ଟି କ୍ରିକେଟ୍



ଟିମ୍ ବିଭିନ୍ନ ରାଜ୍ୟରୁ ଅଂଶ ଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ଆର.କେ ରାୟ, ବରିଷ୍ଠ ପ୍ରବନ୍ଧକ ମେକାନିକାଲ, ଜେକେ କାଗଜ କଳ ମୁଖ୍ୟ ଅତିଥି ଏବଂ ପି. ଗୌରୀ ଶଙ୍କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମନୋବଳ ବଢ଼ାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ପଞ୍ଚାୟତର ପ୍ରତିନିଧିମାନେ ଉପସ୍ଥିତ ରହି ଖେଳାଳିମାନଙ୍କ ମନୋବଳ ବଢ଼ାଇଥିଲେ। ପ୍ରତି ଦିନ ୨ଟି ଲେଖାଏଁ ମ୍ୟାଚ୍ ଅନୁଷ୍ଠିତ ହେବ। ବିଜେତା ଟିମକୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି, ଉପବିଜେତା ଦଳକୁ ୫୦ ହଜାର ଟଙ୍କା, ମ୍ୟାନ୍ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ସିରିଜ୍ ପାଇଁ ଆକର୍ଷଣୀୟ ପୁରସ୍କାର ଦିଆଯିବ ବୋଲି ପରିଚାଳକମାନଙ୍କ ଦ୍ୱାରା ଘୋଷଣା କରାଗଲା। ଶନିବାର ପ୍ରଥମ ଦିନରେ ଡେଥ୍ ୱାରିଅର୍ ରାୟଗଡ଼ା ବିପକ୍ଷରେ ଭାଇଜାକ୍ ସୁପର ନୋଭସ୍ ବିଶାଖାପାଟଣା ଏବଂ ବଲାଙ୍ଗିର-୧୧ ସହ ଏମଏସକେ ସିଡିସିସି, ବିଜୟନଗର ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ଭାଇଜାକ୍ ସୁପର ନୋଭସ୍ ବିଶାଖାପାଟଣା ଟିମ୍ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଏହି ମ୍ୟାଚକୁ ଜେକେପୁରର ସ୍ଥାନୀୟ ବାସିନ୍ଦା ଓ ଆଖପାଖ ଗ୍ରାମର ଲୋକମାନେ ବହୁଳ ଭାବେ ଯୋଗଦେଇ ଉପଭୋଗ କରିଥିଲେ।

## ଏସ୍‌ଟିଇଏମ୍ ଶିକ୍ଷାର ବିକାଶ ଲାଗି କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟିତ

**ମୁନିଗୁଡ଼ା,୧୬।୩(ସମିସ)**

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଓ ଅମ୍ବାଦଳା ସୀମାନ୍ତ ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ୍ ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ମିନି ସାଇନ୍ସ ସେଣ୍ଟର ଉଦଘାଟନ କରିଛି। ପାରମ୍ପରିକ ଶିକ୍ଷାଦାନ ପ୍ରଣାଳୀକୁ ସାହାଯ୍ୟ କରିବା ଓ ଛାତ୍ରଙ୍କ ଲାଗି ଏସଟିଇଏମ୍ (ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ, ଗଣିତ) ଉପରେ ପିଲାମାନଙ୍କୁ ବୁଝିବା ଓ ଶିକ୍ଷାକୁ ସହଜ କରାଇବା ଲାଗି ଏହି ଅଭିନବ କେନ୍ଦ୍ର ପରିକଳ୍ପନା କରାଯାଇଛି। ମିନି ସାଇନ୍ସ ସେଣ୍ଟର୍ ହ୍ୟାଣ୍ଡସ ଅନ୍ ମଡେଲ, ଗ୍ରାଫିକ୍ ବ୍ୟାଖ୍ୟା, ପ୍ଲଗ ଓ ପ୍ଲେ ସିଷ୍ଟମ ତଥା ଅନ୍ୟାନ୍ୟ ପାରସ୍ପରିକ ମଡ୍ୟୁଲ ଉଭୟ ଇଂରାଜୀ ଓ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ। ପଞ୍ଚମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଏହା ବିଶେଷ ସହାୟକ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଅଭିଜ୍ଞତାକୁ ବୃଦ୍ଧି କରାଯିବା ଲକ୍ଷ୍ୟ ରହିଛି। ଏଥିରେ ଉଭୟ ରାଜ୍ୟ ତଥା କେନ୍ଦ୍ର ବିଦ୍ୟାଳୟର ପାଠ୍ୟକ୍ରମ ଆଧାରିତ ଶିକ୍ଷା ବ୍ୟବସ୍ଥା ରଖାଯାଇଛି। ମିଳିତ ଜାତିସଂଘର ଗୁଣବତ୍ତା ବିକାଶ ଲକ୍ଷ୍ୟ (୪) ସହ ଏହି ପଦକ୍ଷେପଟି ସମାନ। ଏହି ପ୍ରୟାସ ଜରିଆରେ କମ୍ପାନୀ ଗ୍ରାମିଣ ଦୂରବର୍ତ୍ତୀ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଏସଟିଇଏମ (ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ, ଗଣିତ) ଉପରେ ଉଚ୍ଚଶିକ୍ଷା ଚୟନ କରିବାକୁ ପ୍ରେରଣା ଯୋଗାଇବ। ଗୁଣାତ୍ମକ ଶିକ୍ଷା ଉପରେ ମତ ଦେଇ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ସିଇଓ, ଆଲୁମିନା ବ୍ୟବସାୟ, ବେଦାନ୍ତ ଲିମିଟେଡ୍ କହିଛନ୍ତି ଯେ ବେଦାନ୍ତର ଏହି ମିନି ବିଜ୍ଞାନ କେନ୍ଦ୍ର ପରି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଲାଞ୍ଜିଗଡ଼ ଗୁଣାତ୍ମକ ଶିକ୍ଷାର ବ୍ୟାପକ ବିସ୍ତାର ପାଇଁ କାର୍ଯ୍ୟ କରୁଛି। ଆଜିର ଯୁବକମାନଙ୍କ ପାଇଁ ଏପରି ଏକ ଉପଯୋଗୀ ପ୍ଲାଟଫର୍ମ ପ୍ରସ୍ତୁତ କରି ଆମେ ଶିକ୍ଷାର ପରିବର୍ତ୍ତନଶୀଳ ଶକ୍ତିର ସଦୁପଯୋଗ ଓ ବିସ୍ତାର କରିବାକୁ ଚାହୁଁଛୁ। ଏହା ଦ୍ୱାରା ଆମ ଅଞ୍ଚଳର ପିଲାମାନଙ୍କଠାରେ ବୌଦ୍ଧିକ ବିକାଶ ସହ ସାମର୍ଥ୍ୟ ବୃଦ୍ଧି ପାଇବ ବୋଲି ଗୁଣାତ୍ମକ ଶିକ୍ଷା ଉପରେ ମତ ଦେଇ ବେଦାନ୍ତ ଆଲୁମିନା କମ୍ପାନୀ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି।

ସେହିପରି ବେଦାନ୍ତର ମିନି ସେଣ୍ଟର୍ ଯୁବକମାନଙ୍କ ଶିକ୍ଷା ପାଇଁ ଏକ ଉନ୍ନତ ପ୍ଲାଟଫର୍ମ ଯୋଗାଇବ। ଏହା ଦ୍ୱାରା ସମ୍ପୃକ୍ତ କ୍ଷେତ୍ରରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ ହୋଇପାରିବେ। ବେଦାନ୍ତ ଲାଞ୍ଜିଗଡ଼ ଜଣେ ପ୍ରକୃତ ଗୋଷ୍ଠୀ ସହାୟକ ଭାବରେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ମୁଁ ଏହାର କାର୍ଯ୍ୟକୁ ପ୍ରଶଂସା କରୁଛି ବୋଲି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଦାନ୍ତର କାର୍ଯ୍ୟକୁ ସମର୍ଥନ କରି କହିଛନ୍ତି। ବେଦାନ୍ତ ଲାଞ୍ଜିଗଡ଼ର ସାମାଜିକ ପଦକ୍ଷେପ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଭିତ୍ତିଭୂମି, ମହିଳା ସଶକ୍ତୀକରଣ, ପରିମଳ, ପରିବେଶର ଉନ୍ନତି ଓ ତୃଣମୂଳସ୍ତରୀୟ କ୍ରୀଡ଼ା ପ୍ରତି ସମର୍ଥନ ସହ ଗୋଷ୍ଠୀର ଉନ୍ନତି ପାଇଁ ପ୍ରତିବଦ୍ଧ ଓ ୬୭ରୁ ଅଧିକ ଗ୍ରାମରେ ଏହାର କାର୍ଯ୍ୟକ୍ରମକୁ ବିସ୍ତାର କରିଛି। ଏହାର ୩୭୮ରୁ ଅଧିକ ଏସଏଚଜିରେ ୪୦୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରିଛି। ବାର୍ଷିକ ପ୍ରାୟ ୬୦ ହଜାର ଲୋକଙ୍କୁ ଗୁଣମାନର ଓ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛି। ଲାଞ୍ଜିଗଡ଼ରେ ଶିକ୍ଷାର ପ୍ରସାର ଲାଗି ଡିଏଭି ଆନ୍ତର୍ଜାତିକ ବିଦ୍ୟାଳୟ ପ୍ରତିଷ୍ଠା କରିଛି। ଉଲ୍ଲେଖନୀୟ ପଦକ୍ଷେପ ଯଥା ନନ୍ଦଘର ଆଧୁନିକ ଅଙ୍ଗନବାଡ଼ି ଜରିଆରେ ୪୦୦୦ରୁ ଅଧିକ ପିଲା ଓ ୮୦୦ ମହିଳାଙ୍କ ପୋଷଣ କରୁଛି। ସମାଜରେ ମା' ଓ ଶିଶୁମାନଙ୍କ ଯତ୍ନ ପାଇଁ କାର୍ଯ୍ୟ କରୁଛି। ଆହୁରି ମଧ୍ୟ ଗ୍ରାମୀଣ ଯୁବକମାନଙ୍କ ଶିକ୍ଷାର ବିକାଶ ଲାଗି ସେମାନଙ୍କ ସାମଗ୍ରିକ ବିକାଶ ପ୍ରତି ଯତ୍ନବାନ ରହିଛି। ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ବିଭିନ୍ନ କ୍ରୀଡ଼ା ଟୁର୍ଣ୍ଣାମେଣ୍ଟ ଓ ପ୍ରତିଯୋଗିତାମାନ ଆୟୋଜନ କରୁଛି ଓ ୨୦୦ ଯୁବକଙ୍କୁ ସଶକ୍ତ କରିପାରିଛି।

## ବହୁଳ ବ୍ୟବହାର ଭାଷାକୁ କାଳଜୟୀ କରେ

**ମୁନିଗୁଡ଼ା,୧୬।୩(ସମିସ):** ପ୍ରତ୍ୟେକ ଜାତି ପାଇଁ ମାତୃଭାଷା ଏକ ମୌଳିକ ପରିଚୟ ଏବଂ ଅସ୍ମିତାର ପରିଚାୟକ। ଯେ କୌଣସି ଭାଷାର ବହୁଳ ବ୍ୟବହାର ତାହାକୁ କାଳଜୟୀ କରିଥାଏ ବୋଲି ଶନିବାର ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାଠାରେ ଅବସ୍ଥିତ ଅଗ୍ରଣୀ ଡନ୍ ବୋସ୍କୋ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାତୃଭାଷା ଓଡ଼ିଆର ଲିଖନ, ପଠନ ଏବଂ ଅଧ୍ୟାପନା ପ୍ରସଙ୍ଗରେ ଆୟୋଜିତ କର୍ମଶାଳାରେ ଆଲୋଚକ ଗୌରାଙ୍ଗ ଚରଣ ରାଉତ ମତବ୍ୟକ୍ତ କରିଛନ୍ତି। ଜନ୍ମଦାତ୍ରୀ ମାଆ ପରି ମାତୃଭାଷା ଏବଂ ମାତୃଭୂମିକୁ ଭଲ ପାଇବା ସହ ପ୍ରତ୍ୟେକ ଭାଷା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ନାଗରିକମାନଙ୍କର କର୍ତ୍ତବ୍ୟ ହେବା ଉଚିତ୍ ବୋଲି ସେ ସୂଚିତ କରିଛନ୍ତି। ଶୁଦ୍ଧ, ସୁନ୍ଦର ଲିଖନ, ମନନଶୀଳ ପଠନ ଏବଂ ଭାବଭଙ୍ଗୀ ପୂର୍ଣ୍ଣ ଶିକ୍ଷାଦାନକୁ ଗୁରୁତ୍ୱ ଦେଇ ସେ ଛାତ୍ରଛାତ୍ରୀମାନଙ୍କ ରୁଚି ଆଧାରରେ ପ୍ରସଙ୍ଗ ଅବତାରଣା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ଫାଦର୍ ରୋବର୍ଟ ଜାଭିୟରଙ୍କ ମଧ୍ୟସ୍ଥତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଓଡ଼ିଆ ଶିକ୍ଷାଦାତ୍ରୀଙ୍କ ସହ ଫାଦର୍ ସୋଣି ସିରିଆକ୍, ଫାଦର୍ ପ୍ରମୋଦ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ବାଚନ ଆଚରଣ ବିଧି ଲାଗୁ ପରେ ହଟିଲା ହୋର୍ଡିଂ

**ପଟ୍ଟାଙ୍ଗି,୧୬।୩(ସମିସ):** ଶନିବାର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ତାଙ୍କ ଟିମ୍ ସାରା ଭାରତରେ ସାଧାରଣ ନିର୍ବାଚନ ନିମନ୍ତେ ତାରିଖ ଘୋଷଣା କରିଛନ୍ତି। ଓଡ଼ିଶାରେ ମଧ୍ୟ ଚାରୋଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଛି। ଏହି କ୍ରମରେ ମେ' ୧୩ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟରେ ହିଁ କୋରାପୁଟ ଜିଲ୍ଲାରେ ମତଦାନ ହେବାକୁ ଥିବାବେଳେ ସାରା ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ କରାଯାଇଛି। ଆଚରଣ ବିଧି ଲାଗୁ କରାଯିବା ପରେ ଶନିବାର ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ଦଳ ପକ୍ଷରୁ ଲଗାଯାଇଥିବା ଦଳୀୟ ପୋଷ୍ଟର, ବ୍ୟାନର, ହୋର୍ଡିଂଗୁଡ଼ିକୁ ପ୍ରଶାସନ ପକ୍ଷରୁ ହଟାଯାଇଛି। ପଟ୍ଟାଙ୍ଗି ତହସିଲଦାର ବିରେନ୍ଦ୍ର ବାହାଦୁର ସିଂ ଧାରୁଆ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ପୋଷ୍ଟର ଓ ବ୍ୟାନରଗୁଡ଼ିକ ହଟାଯାଇଛି। ପୁଲିସ ପ୍ରଶାସନ, ଅଗ୍ନିଶମ କର୍ମଚାରୀ, ବ୍ଲକ୍ ଓ ତହସିଲ କର୍ମଚାରୀମାନେ ପଟ୍ଟାଙ୍ଗି ବ୍ଲକର ସମସ୍ତ ସ୍ଥାନରୁ ପୋଷ୍ଟର, ହୋର୍ଡିଂ, ବ୍ୟାନରଗୁଡ଼ିକୁ ହଟାଉଥିବା ଦେଖିବାକୁ ମିଳିଛି।

## ସେଞ୍ଚୁରିଅନରେ ଫାର୍ମାସୀ ବିଭାଗର ଅନ୍ତିମବର୍ଷର ଛାତ୍ରମାନଙ୍କୁ ବିଦାୟ ସମାରୋହ




**ରାୟଗଡ଼ା,୧୬।୩(ସମିସ):** ରାୟଗଡ଼ା ସହର ଉପଖଣ୍ଡ ପିତାମହଲସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ ଫାର୍ମାସୀ ବିଭାଗର ଅନ୍ତିମ ବର୍ଷର ଛାତ୍ରମାନଙ୍କୁ ବିଦାୟ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜର୍ମାନସ୍ଥିତ ମ୍ୟୁନିକ୍ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନର ପ୍ରଫେସର ଡ. ହେରେବତ୍ ରିପ୍ପିଲେ, କେମ୍ବ୍ରିଜ୍ ବିଦ୍ୟାଳୟର ଅଧକ୍ଷ ପ୍ରଫେସର ସୁରେଶ ମହାପାତ୍ର, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ, ଫାର୍ମାସୀ ଅଧକ୍ଷ ଡ.ଚନ୍ଦ୍ରଶେଖର ପାତ୍ର ଓ ନର୍ସିଂ ଅଧକ୍ଷ କେ.ଉର୍ମିଳା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦାୟ ସମାରୋହରେ ଫାର୍ମାସୀ ବିଭାଗ ପ୍ରଥମ ବର୍ଷାରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଅନ୍ତିମ ବର୍ଷର ଛାତ୍ରମାନଙ୍କୁ ବିଦାୟ ଦେଇଥିଲେ। ଅବସରରେ ଉକ୍ତ ଅନୁଷ୍ଠାନର ନିର୍ଦ୍ଦେଶକ ଡ.ପାଢ଼ୀ ସମସ୍ତ ଛାତ୍ରଛାତ୍ରୀଙ୍କ ଜୀବନରେ ଆଗକୁ ବଢ଼ିବା ପାଇଁ ନିରନ୍ତର ପ୍ରୟାସ କରିବା ଆବଶ୍ୟକ ଏବଂ ସେମାନେ ଚାକିରି କରି ନିଜେ ଆତ୍ମନିର୍ଭରଶୀଳ ହେବେ ସେ ସମ୍ପର୍କରେ ମତପ୍ରକାଶ କରିଥଲେ। ସେହିପରି ମ୍ୟୁନିକ୍ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନର ପ୍ରଫେସର ଡ. ରିପ୍ପିଲେ ଛାତ୍ରଛାତ୍ରୀମାନେ କିଭଳି ଔଷଧିକ କ୍ଷେତ୍ରରେ ଅନୁସନ୍ଧାନ କରି ବିଭିନ୍ନ ରୋଗର ପ୍ରତିଷେଧକ ଟିକା ପ୍ରସ୍ତୁତ କରିବା ଦିଗରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ରାସ୍ତା ପାଲଟିଛି ମରଣଯନ୍ତା; ଭାଙ୍ଗିଯାଇଛି କଲ୍‌ଭର୍ଟ

**ମୁନିଗୁଡ଼ା,୧୬।୩(ସମିସ):** ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପକ୍କା ସଡ଼କ ନିର୍ମାଣ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଓ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ମରଣଯନ୍ତା ପାଲଟିଛି ରାସ୍ତା। ରାସ୍ତା ମଧ୍ୟରେ ବଡ଼ ବଡ଼ ଗର୍ତ୍ତ ଦେଖିବାକୁ ମିଳୁଥିବାବେଳେ ଆଉ କେଉଁଠି କଲଭର୍ଟ ଭାଙ୍ଗିଯାଇଛି।ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଆମ୍ଳାଭଟା ପଞ୍ଚାୟତ ଫାଟକପଡ଼ାଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ରାସ୍ତା କୁମୁଡ଼ାବାଲି, ପାଇକ କୁମୁଡ଼ାବାଲି, ବଡ଼ କୁମୁଡ଼ାବାଲି ଦେଇ ଗୁରୁଡ଼ ଗାଁ ନିକଟ ଅମ୍ବାଦଳା-ବେଲଘର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାକୁ ସଂଯୋଗ ହୋଇଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଠିକ୍ ସମୟରେ ହେଉ ନ ଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ଫାଟକପଡ଼ାଠାରୁ କିଛି ଦୂରରେ ରାସ୍ତା ମଧ୍ୟରେ ଏକ କଲଭର୍ଟ ଭାଙ୍ଗି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଯାହା ଫଳରେ ଉକ୍ତ ରାସ୍ତା ଦେଇ ଯିବାଆସିବା କରୁଥିବା ଲୋକେ ବହୁ



ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଥିବାବେଳେ ରାତି ସମୟରେ ଲୋକଙ୍କ ଯିବାଆସିବା କରିବା ମୁସ୍କିଲ ହୋଇ ପଡୁଛି। ଅଞ୍ଚଳର ଲୋକେ ନିତିଦିନିଆ କାର୍ଯ୍ୟ ପାଇଁ ଅମ୍ବାଦଳା ବଜାର ଉପରେ ନିର୍ଭର କରୁଥିବାବେଳେ ଛାତ୍ରଛାତ୍ରୀମାନେ ମଧ୍ୟ ଉକ୍ତ ରାସ୍ତା ଦେଇ ଅମ୍ବାଦଳାର ଆଖପାଖ ଅଞ୍ଚଳରେ ଥିବା ବିଦ୍ୟାଳୟକୁ ଯିବାଆସିବା କରିଥାନ୍ତି। ଉକ୍ତ ରାସ୍ତା ମଧ୍ୟରେ ଥିବା କଲଭର୍ଟ ଭାଙ୍ଗି ଏକ ପ୍ରକାର ବିପଦସଙ୍କୁଳ ଅବସ୍ଥାରେ ରହିଥିବାବେଳେ ଏହା ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେଣୁ ଯଥାଶୀଘ୍ର ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ଅବସ୍ଥା ତଦାରଖ କରିବା ସହ ବିପଦପୂର୍ଣ୍ଣ ଭାବେ ରହିଥିବା କଲଭର୍ଟର ମରାମତି କରିବା ପାଇଁ ଦାବି ହେଉଛି। ସମସ୍ୟା ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀମାନଙ୍କୁ ଯୋଗାଯୋଗ କରିଥିବାବେଳେ କୌଣସି ଉତ୍ତର ମିଳିପାରିନାହିଁ।

